# ନଳିତା, ଧନିଚା ବିହନ ନାହିଁ, ଚାଷୀ ହତାଶ

କେନ୍ଦ୍ରାପଡ଼ା, ୨୨।୬ (ଜଗନ୍ନାଥ ଧଳ)


ଗରାପୁର କେନାଲରେ ଜଣେ ଚାଷୀ ନଳିତାରୁ ଝୋଟ ପ୍ରସ୍ତୁତ କରୁଛନ୍ତି। (ଫାଇଲ ଫଟୋ)

■ବଜାରରେ ବିକ୍ରି ହେଉଛି ନିମ୍ନମାନର ବିହନ
■ବନ୍ଦ ହୋଇଯାଇଛି ନଳିତା, ମେସ୍ତା କର୍ପୋରେଶନ
■ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଝୋଟ ଶିଳ୍ପକୁ ବଞ୍ଚାଇବ

ତନ୍ତୁଜାତୀୟ ଫସଲ ପାଇଁ କେନ୍ଦ୍ରାପଡ଼ାର ସୁନାମ ରହିଛି। ୨୦୦୫ ମସିହାରେ ଜିଲାର ୨୧୫୨ ହେକ୍ଟର ଅଞ୍ଚଳରେ ନଳିତା ଓ ମେସ୍ତା ଚାଷ ହୋଇଥିଲା। ଉପଯୁକ୍ତ ଭିତ୍ତିଭୂମି ଥିବାରୁ ଏହାର ପ୍ରଚାର ପ୍ରସାର ହୋଇ ୨୦୧୫ ମସିହାରେ ପ୍ରାୟ ୮ ହଜାର ହେକ୍ଟର ଅଞ୍ଚଳରେ ଚାଷ ହୋଇଥିଲା। ଏହାକୁ ଲକ୍ଷ୍ୟ କରି ସହର ନିକଟ ଜଜାଙ୍ଗଠାରେ ୪୬ ଏକର ଜମି ଉପରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ମାତ୍ର ତନ୍ତୁଜାତୀୟ ଫସଲ ପାଇଁ ଚଳିତବର୍ଷ କେନ୍ଦ୍ରାପଡ଼ାର ଚାଷୀଙ୍କୁ ସରକାରୀ ଭାବେ ନଳିତା, ମେସ୍ତା ଓ ଧନିଚା ଆଦି ବିହନ ଅଦ୍ୟାବଧି ଯୋଗାଇ ଦିଆଯାଇନାହିଁ। ଚାଷୀ ବଜାର ମୂଲ୍ୟରେ ବିହନ କିଣି ବ୍ୟବହାର କରୁଥିଲେ ମଧ୍ୟ ତାହା ନିମ୍ନମାନର ବୋଲି ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ହିମାଂଶୁ ମୋହନ ମିଶ୍ରଙ୍କୁ ପଚାରବାରେ ୨୦୧୫ରେ ଓଡ଼ିଶା ସିଡ୍ ସପ୍ଲାଏ କର୍ପୋରେଶନ (ଓଏସ୍‌ସିଏସ୍) ପକ୍ଷରୁ ନଳିତା, ମେସ୍ତା, ଧନିଚା ବିହନ ଯୋଗାଇ ଦିଆଯାଇଥିଲା। ଏହି ବିହନକୁ ଜିଲାର ପ୍ରାୟ ୭ ହଜାର ଚାଷୀ କ୍ରୟ କରି କ୍ଷେତରେ ଚାଷ କରିଥିଲେ। ନଳିତା ଓ ମେସ୍ତା ବିହନ ସଂଗ୍ରହକୁ କର୍ପୋରେଶନ ଏବେ ବନ୍ଦ କରିଦେଇଛି। ଫଳରେ ଚାଷୀଙ୍କୁ ଏ ପ୍ରକାର ବିହନ ଯୋଗାଇବା ସମ୍ଭବ ହେଉନାହିଁ। ସେହିପରି ଚଳିତବର୍ଷ ୧୧୫ କ୍ୱିଣ୍ଟାଲ ଧନିଚା ବିହନ ପାଇଁ ଚିଠା ଯାଇଥିଲେ ମଧ୍ୟ ଜିଲାର ଗୋଦାମରେ ଅଦ୍ୟାବଧି ପହଞ୍ଚି ନ ଥିବା ସେ କହିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତର ନିରଞ୍ଜନ ପରିଡ଼ା କହିଛନ୍ତି, କେନ୍ଦ୍ରାପଡ଼ାର ମାଟି ନଳିତା ଓ ମେସ୍ତା ଚାଷ ପାଇଁ ଉପଯୁକ୍ତ। ଏହି ଚାଷ କରି ଚାଷୀ ଝୋଟ ବିକିବା ସହ ବିଭିନ୍ନ ସମୟରେ ମିଠା ନଳିତା ପତ୍ର ଓ କାଉଁରିଆ କାଠି ବିକ୍ରି କରି ବେଶ୍ କିଛି ପଇସା ହାତକୁ ଆସୁଥିଲା । ମାତ୍ର କୃଷି ବିଭାଗର ଅପାରଗତା ହେତୁ ଏହି ଚାଷ ବନ୍ଦ ହେବାକୁ ବସିଛି। କୃଷକ ନେତା ଗୟାଧର ଧଳ କହିଛନ୍ତି, ଧାନ ଫସଲରେ ଧନିଚାର ମହତ୍ତ୍ୱ ଅଧିକ। ଏକ ସମୟରେ ଧନିଚା ଓ ଧାନ ବୁଣିଥିଲେ ମଧ୍ୟ ଖୁବ୍ ଅଳ୍ପଦିନ ମଧ୍ୟରେ ଝଙ୍କାଳିଆ ହୋଇ ଧନିଚା ଗଛ ବଢ଼ିଥାଏ। ଚାଷୀ କ୍ଷେତରେ ପ୍ରଥମ ଗାର ହଳ କରିବା ସମୟରେ ଧନିଚା ଗଛ ମାଟିରେ ମିଶି ଜୈବିକ ଖତରେ ପରିଣତ ହୁଏ। ଫଳରେ ଧାନ ଫସଲ ପାଇଁ ରାସାୟନିକ ସାରର ଆବଶ୍ୟକତା ପଡ଼େ ନାହିଁ। ସେହିପରି ଧନିଚା ଗଛ ପିତା ହେତୁ ଧାନ ଗଛରେ ରୋଗ ପୋକ ନଷ୍ଟ ହୋଇଥାନ୍ତି। ତେବେ କୃଷି ବିଭାଗ ଅକ୍ଷୟ ତୃତୀୟାଠାରୁ ଧାନ ସହ ଧନିଚା ବିହନ ଚାଷୀଙ୍କୁ ଯୋଗାଇ ଦେବାକୁ ଥିବାବେଳେ ଏହା ଜିଲାକୁ ନ ଆସିବା ଦୁର୍ଭାଗ୍ୟଜନକ। ଡେରାବିଶ ବ୍ଲକ ଚାଟରାଚକଡ଼ାର ଚାଷୀ ମହେଶ୍ୱର ସେଠୀ କହିଛନ୍ତି, ୨୦୧୫ରେ ସରକାରୀ ଭାବେ ନଳିତା ମଞ୍ଜି କିଲୋ ପ୍ରତି ୪୦ ଟଙ୍କାରେ କିଣାଯାଇଥିଲା। ଏବେ ବଜାରରେ ଏହି ମଞ୍ଜିକୁ ୯୦ ଟଙ୍କା ଦେଇ କିଣିବାକୁ ପଡୁଛି। ପାରିପଙ୍ଗରାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ରମାମଣି ସାମଲ କୁହନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାରଠାରୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବନ୍ଦ ପାଇଁ ଘୋଷଣା ହୋଇଛି। ଏହି ଘୋଷଣା ଆମ ପରି ଝୋଟ କୁଟୀରଶିଳ୍ପୀଙ୍କ ପାଇଁ ବରଦାନ ସଦୃଶ। ତେବେ ଜିଲାରେ ଏବେ ଝୋଟ ଉତ୍ପାଦନ କମିଛି। ଏ ପରିସ୍ଥିତିରେ ଝୋଟ ଉତ୍ପାଦନ ପାଇଁ ନଳିତା ବିହନ ନ ମିଳିବା ଏକ ଦୁଃଖଦ ଘଟଣା। ଝୋଟ ସୁଲଭ ମୂଲ୍ୟରେ ମିଳିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଚାଷର ଆବଶ୍ୟକତା ଅଛି। ଏଠାରୁ ଝୋଟ ନ ମିଳିଲେ ବାହାରୁ ଝୋଟ କିଣିବାକୁ ପଡ଼ିବ। ଫଳରେ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବା ସହ ବିକ୍ରିରେ ଅସୁବିଧା ସୃଷ୍ଟି ହେବ। ନଳିତା ଚାଷ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ ବୋଲି ସେ ମତ ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରତାପ


@ କୃଷ୍ଣ


@ ପ୍ରଜ୍ଞାପରିମିତା


@ ମାମାଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦ୍ୟୁତ୍ ସମସ୍ୟା ନେଇ ତାତିଲେ ଜନତା

ଆଳି,୨୨।୬(ବନମାଳୀ ସେନାପତି)

**କାର୍ଯ୍ୟାଳୟରେ ତାଲା ପକାଇଲେ, ସ୍ଥାୟୀ ସମାଧାନ ଦାବିରେ ଧାରଣା**

ରାଜ୍ୟରେ ଦିନକୁ ଦିନ ବିଦ୍ୟୁତ୍ କାଟ ସମସ୍ୟା ଦେଖାଦେଇଥିବା ବେଳେ ଦୀର୍ଘଦିନ ହେବ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଆଳି ମାଣିକପାଟଣା ପଞ୍ଚାୟତର ୧୨ ନମ୍ବର ୱାର୍ଡ(ବିଲଦାଣ୍ଡି)ର ଅଧିବାସୀମାନେ ଗୁରୁବାର ପତ୍ରପୁର ବିଦ୍ୟୁତ୍ ସେକ୍ସନ ଅଫିସରେ ପହଞ୍ଚି ତାଲା ପକାଇବା ସହ ସେକ୍ସନ ଅଫିସରଙ୍କୁ ଘେରି ସମସ୍ୟା ସମାଧାନର ଜିଦ୍ ଧରିଥିଲେ। ୱାର୍ଡବାସୀଙ୍କ ଅଭିଯୋଗ ଅନୁଯାୟୀ, ୱାର୍ଡରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଦୀର୍ଘ ଦେଢ଼ବର୍ଷ ହେବ ସେମାନେ ବିଜୁଳି ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଲୋ ଭୋଲ୍ଟେଜ ସାଙ୍ଗକୁ ବାରମ୍ବାର ବିଜୁଳି କାଟ ହେବା ସହ ଥରେ ବିଜୁଳି କାଟିଲେ ପାଖାପାଖି ୨/୩ ଦିନ ତାଙ୍କ ୱାର୍ଡରୁ ବିଜୁଳି ଗାଏବ ହୋଇଯାଉଛି। ବିଜୁଳି କଟିଲେ ବିଭାଗକୁ ଫୋନ କଲେ କେହି ଉତ୍ତର ଦିଅନ୍ତି ନି କି ସଜାଡ଼ିବା ନିମନ୍ତେ ଶୀଘ୍ର ଯାଆନ୍ତି ନାହିଁ। ଏପରିକି ତାଙ୍କ ପଞ୍ଚାୟତ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମନମାନି ବିରୋଧରେ ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ବାରମ୍ବାର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନି ବରଂ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଗୁରୁବାର ସକାଳ ୯ଟାରୁ ଦିନ ପ୍ରାୟ ୩ଟା ପର୍ଯ୍ୟନ୍ତ ତାଙ୍କ ୱାର୍ଡରେ ବିଜୁଳି ନ ଥିଲା। ଏ ନେଇ ରତିକାନ୍ତ ପରିଡା, ବଳରାମ ପରିଡା, ସଞ୍ଜୟ ବେହେରା, ବସନ୍ତ ଦାସ, ନଳିନୀକାନ୍ତ ଦାସ, ନିରଞ୍ଜନ ପରିଡା, ରମେଶ ଦାସ, ପ୍ରମୋଦ ବିଶ୍ୱାଳ, ଅଶୋକ ବିଶ୍ୱାଳ, ଶୁଭମ ଦାସ, ଅଶୋକ ପରିଡା, ତୋଫାନ ପରିଡା, ଭବାନୀ ବିଶ୍ୱାଳ, ତାପସ ବିଶ୍ୱାଳ, ଶତ୍ରୁଘ୍ନ ପରିଡା, ମନୋଜ ପରିଡା ପ୍ରମୁଖଙ୍କ ସମେତ ଅନ୍ୟମାନେ କାର୍ଯ୍ୟାଳୟରେ ଜେଇଙ୍କ ସହ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିସହ ତୁରନ୍ତ ସମସ୍ୟା ସମାଧାନର ଦିଗ ବାହାର କରିବାକୁ ନିବେଦନ କରିଥିଲେ। ଏ ନେଇ ସେକ୍ସନ ଅଫିସର ଏସ୍‌ମୁଦ୍ଦିନ ଖାନ୍‌ଙ୍କୁ ପଚାରିବାରେ କର୍ମଚାରୀ ଅଭାବ ଯୋଗୁ ଏଭଳି ସମସ୍ୟା ହୋଇଛି। ଫଳରେ ଲୋକମାନେ ଉତ୍ତ୍ୟକ୍ତ ହୋଇଥିଲେ। ଦୀର୍ଘ ଦିନ ହେବ ଯେଉଁ ସମସ୍ୟା ରହିଛି ତାହା କିପରି ସମାଧାନ ହେବ ସେ ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।


ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇ ଲୋକେ ଧାରଣା ଦେଉଛନ୍ତି।

# ସିଂହପୁରରେ ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା

ଜଗତ୍‌ସିଂହପୁର, ୨୨।୬
(ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ଥାନାରେ ଅଭିଯୋଗ**

ଜଗତ୍‌ସିଂହପୁର ଥାନା ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସିଂହପୁର ଗ୍ରାମରେ ୫୦ରୁ ଅଧିକ ଏକ ସମ୍ପ୍ରଦାୟକୁ ଧର୍ମାନ୍ତରୀକରଣ କରାଯାଉଥିବା ଭଳି ସଙ୍ଗିନ ଅଭିଯୋଗ ଗୁରୁବାର ହୋଇଛି। କାନାଡ଼ାର ଜଣେ ବ୍ୟକ୍ତିଙ୍କ ସମେତ ଅନ୍ୟ ଏକ ସମ୍ପ୍ରଦାୟର ୩ ଜଣ ପରିବ୍ରାଜକ ଏକ କୋଠରିରେ ଏହି ଧର୍ମାନ୍ତରୀକରଣ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏପରି କି ବଜରଙ୍ଗ ଦଳ ଜିଲା ସଂଯୋଜକ ସୂର୍ଯ୍ୟକାନ୍ତ ନନ୍ଦ, ରାଜ୍ୟ ବିଦ୍ୟାର୍ଥୀ ପ୍ରମୁଖ ଶ୍ୟାମସୁନ୍ଦର ସାହୁଙ୍କ ସମେତ କେତେଜଣ କାର୍ଯ୍ୟକର୍ତ୍ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ଉଭୟ ଅଭିଯୋଗକୁ ବିଚାରକୁ ନେଇ ପୋଲିସ ଅନୁଧ୍ୟାନ ଜାରି ରଖିଛି। ତେବେ ଖବର ଲେଖାହେଲା ବେଳକୁ ଜଗତ୍‌ସିଂହପୁର ଏସ୍‌ଡିପିଓ ରମେଶ ସିଂହ କହିଛନ୍ତି, ଏହା ଉପରେ ମାମଲା ରୁଜୁ ହେବ। ତା' ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ବଜରଙ୍ଗ ଦଳ ଜିଲା ସଂଯୋଜକ ନନ୍ଦ ଓ ରାଜ୍ୟ ବିଦ୍ୟାର୍ଥୀ ପ୍ରମୁଖ ସାହୁ କହିଛନ୍ତି, ଗୁରୁବାର ସିଂହପୁରରେ ଧର୍ମାନ୍ତରୀକରଣ ହେଉଥିବା ସମ୍ପର୍କରେ ଗାଁର କେତେଜଣ ଲୋକ ସୂଚନା ଦେଇଥିଲେ। ପରେ କେତେଜଣ କାର୍ଯ୍ୟକର୍ତ୍ତାଙ୍କ ସହ ସିଂହପୁରରେ ପହଞ୍ଚି ବାସ୍ତବତା ସମ୍ପର୍କରେ ଅନୁଧ୍ୟାନ କରିଥିଲୁ। ଜାଣିବାକୁ ପାଇଲୁ କାନାଡାରୁ ଆସିଥିବା ଜଣେ ବ୍ୟକ୍ତିଙ୍କ ସହ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା, ତିର୍ତ୍ତୋଲର ଜଣେ ଓ କେନ୍ଦ୍ରାପଡ଼ାର ଜଣେ ଏପରି ମୋଟ ୪ ଜଣ ଧର୍ମାନ୍ତରୀକରଣ ପାଇଁ ଏକ ଧଳା ନମ୍ବର ବିହୀନ ବୋଲେରୋରେ ବିପୁଳ ଟଙ୍କା ସହ ସିଂହପୁରରେ ପହଞ୍ଚିଥିଲେ। ପରେ ଏହି ସମ୍ପ୍ରଦାୟର ପରିବ୍ରାଜକମାନେ ୫୦ରୁ ଅଧିକ ବ୍ୟକ୍ତିଙ୍କୁ ଧର୍ମାନ୍ତରୀକରଣ କରି ସାରିଥିଲେ। ତେବେ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତାଙ୍କୁ ଦେଖି କେତେଜଣ ଅନ୍ୟ ଏକ ସମ୍ପ୍ରଦାୟର ଧର୍ମାବଲମ୍ବୀ ମାରଣାସ୍ତ୍ର ସହ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏ ପରିସ୍ଥିତିରେ ଜଗତ୍‌ସିଂହପୁର ପୋଲିସକୁ ଖବର ଦେବାରୁ ପ୍ରଥମେ ପିସିଆର୍, ପରେ ଆଇଆଇସି ଓ ଏସ୍‌ଡିପିଓ ପ୍ରମୁଖ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହାପରେ ସନ୍ଦିଗ୍ଧ ପରିବ୍ରାଜକମାନଙ୍କ ସମେତ ବୋଲେରୋଟିକୁ ପୋଲିସ ଜଗତ୍‌ସିଂହପୁର ଥାନାକୁ ନେଇ ଆସିଥିବା ବଜରଙ୍ଗ ଦଳ ପକ୍ଷରୁ କୁହାଯାଇଛି। ତେବେ ପ୍ରତିପକ୍ଷ ଅନ୍ୟ ଏକ ଅଭିଯୋଗ କରିଥିଲେ, ସୁଦ୍ଧା ଏହା ଉପରେ ଏସ୍‌ଡିପିଓ ଅନୁଧ୍ୟାନ ଚାଲିଥିବା କହି ପୂର୍ଣ୍ଣ ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ, ସମ୍ପ୍ରତି ଲଭ୍ ଜିହାଦ୍ ଓ ଧର୍ମାନ୍ତରୀକରଣକୁ ନେଇ ସାରା ଦେଶରେ ଚିନ୍ତା ପ୍ରକଟ କରାଯାଉଛି। ଓଡ଼ିଶାର ଅନୁସୂଚିତ ଜନଜାତି ଓ ଜାତି ସଂଖ୍ୟା ଅଧିକ ଥିବା ଜିଲାରେ ଧର୍ମାନ୍ତରୀକରଣର ଛାପ ରହିଥିବା ଜଣାଯାଏ। କିନ୍ତୁ ଜଗତ୍‌ସିଂହପୁରରେ ଧର୍ମାନ୍ତରୀକରଣ ହେଉଥିବା ଅଭିଯୋଗ ବିଶେଷ ଗୁରୁତ୍ୱ ରଖୁଛି। ଯଦି ଏହା ସତ୍ୟ ହୋଇଥାଏ ତେବେ ଆଗକୁ ଏହି ପ୍ରସଙ୍ଗ ଜଟିଳ ରୂପ ନେବା ଆଶଙ୍କା ପ୍ରକାଶ ପାଇଛି।


ପୋଲିସ ଜବତ କରିଥିବା ନମ୍ବର ବିହିନ ବୋଲେରୋ ଗାଡ଼ି।

# ଗାଧୋଇବାକୁ ଯାଇ ନଦୀରେ ବୁଡ଼ିଗଲେ ଯୁବକ

ଯାଜପୁର ଟାଉନ/ଯାଜପୁର ସଦର,୨୨।୦୬ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମରବିଜୟ ଶରଣ)

**୫ ଘଣ୍ଟା ପରେ ମିଳିଲା ମୃତଦେହ**

ଯାଜପୁର ସଦର ଥାନା ଅନ୍ତର୍ଗତ ବୁଢ଼ାନଦୀର ମହାବୀର ମଠ ଛଦା ଘାଟରେ ଗୁରୁବାର ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ୫ ଘଣ୍ଟା ଧରି ଖୋଜାଖୋଜି ପରେ ତାଙ୍କ ମୃତଦେହ ଠାବ କରାଯାଇଛି। ମୃତକ ହେଲେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ଯାହାନପୁର ପଞ୍ଚାୟତ ଶଙ୍ଖନାଳୀ ଗ୍ରାମର ରାଜେଶ ମିଶ୍ର (୨୭)। ସେ ମଇଦିପୁର ଗ୍ରାମରୁ ଭୋଜି ଖାଇ ନଦୀରେ ଗାଧୋଉଥିବା ବେଳେ ହଠାତ୍ ସ୍ରୋତରେ ଭାସିଯାଇଥିଲେ। ରାଜେଶଙ୍କ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଅଗ୍ନିଶମବାହିନୀ ପହଞ୍ଚି ଖୋଜାଖୋଜି କରିବା ପରେ ରାଜେଶଙ୍କ ମୃତଦେହକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳରେ ନଦୀରୁ ଚୋରାବାଲି ଚାଲାଣ ହେଉଥିବାରୁ ଏଠାରେ ଗଭୀର ଗଣ୍ଡ ସୃଷ୍ଟି ହୋଇଛି। ଫଳରେ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଚଳରେ ଉତ୍ତେଜନା ପ୍ରକାଶ ପାଇଛି।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ୨୫ ହଜାର ଟଙ୍କା ଜରିମାନା

ଯାଜପୁର ଟାଉନ,୨୨।୬
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

■ ସୂଚନା ପ୍ରଦାନରେ ଅବହେଳା
■ ୩୦ ଦିନ ମଧ୍ୟରେ ଦାଖଲ ନ କଲେ ପେନ୍‌ସନରୁ କାଟିବାକୁ ନିର୍ଦ୍ଦେଶ

ଯାଜପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ଦେବାରେ ଅବହେଳା କରିଛନ୍ତି। ଏଥିପାଇଁ ତାଙ୍କଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ଓଡ଼ିଶା ସୂଚନା କମିଶନ ଏକ ରାୟ ପ୍ରଦାନ କରିଛନ୍ତି।

ବିବରଣୀରୁ ପ୍ରକାଶ, ଯାଜପୁର ଜିଲା ସାହସପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ ନାମକ ଜଣେ ସୂଚନା ଅଧିକାର କର୍ମୀ ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନଭୋଜନ ବଣ୍ଟନ ସମ୍ପର୍କରେ ୧୭।୦୫।୨୦୨୨ରେ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମାଗିଥିଲେ। ଏହି ସୂଚନା ୨୯।୦୬।୨୦୨୨ରେ ଦେବାକୁ ଥିବାବେଳେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ତତ୍କାଳୀନ ଜନସୂଚନା ଅଧିକାରୀ ବିଜୟ କୁମାର ମିଶ୍ର ସୂଚନା ପ୍ରଦାନ କରି ନ ଥିଲେ। ଫଳରେ ସାହାଣୀ ଓଡ଼ିଶା ସୂଚନା କମିଶନଙ୍କ ନିକଟରେ ଅପିଲ ଦାୟର କରିଥିଲେ। ଅପିଲ ଶୁଣାଣି ସମୟରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରମାକାନ୍ତ ସେଠୀ ନାମକ ଜଣେ କର୍ମଚାରୀ ଓଡ଼ିଶା ସୂଚନା କମିଶନଙ୍କ କୋର୍ଟରେ ହାଜର ହୋଇ ୦୪।୦୪।୨୦୨୩ରେ ଲିଖିତ ଜବାବ ଦାଖଲ କରିଥିଲେ। ସେ ତାଙ୍କ ଜବାବରେ ଜଣାଇଥିଲେ ଯେ, ତତ୍କାଳୀନ ଜନସୂଚନା ଅଧିକାରୀ ମିଶ୍ର ଅଭିଯୋଗକାରୀ ସାହାଣୀଙ୍କୁ ସୂଚନା ପ୍ରଦାନ ପାଇଁ ୧୨୦୮ ଟଙ୍କା ଦାଖଲ କରିବାକୁ ଏକ ପତ୍ର ମାଧ୍ୟମରେ ଜଣାଇଥିଲେ। ହେଲେ ସାହାଣୀ ତାହା ପୈଠ କରି ନ ଥିଲେ। ଶୁଣାଣି ସମୟରେ ଅଭିଯୋଗକାରୀ ସାହାଣୀ ଆର୍ଥିକ ଦୃଷ୍ଟିରୁ ଦାରିଦ୍ର୍ୟ ସୀମାରେଖା ତଳ ବର୍ଗର ଲୋକ ହୋଇଥିବାରୁ ୧୨୦୮ ଟଙ୍କା ଦେବାପାଇଁ ବାଧ୍ୟ ନୁହଁ ବୋଲି ଆଇନ ସମ୍ମତ। ତେଣୁ ସାହାଣୀ ସୂଚନା ମାଗିବା ସମୟରେ ବିପିଏଲ୍ କାର୍ଡର ଜେରକ୍ସ ଦାଖଲ କରିଥିଲେ। ଏହାବ୍ୟତୀତ ସାହାଣୀଙ୍କୁ ୧୨୦୮ଟଙ୍କା ମଗାଯାଇଥିବା ପତ୍ରଟି କପୋଳକଳ୍ପିତ ଏବଂ ମିଥ୍ୟା ବୋଲି ସୂଚନା କମିଶନ ରାୟରେ ପ୍ରକାଶ କରିଛନ୍ତି। ମାମଲାର ଚୂଡ଼ାନ୍ତ ଶୁଣାଣି କରି ମେ' ୧୫ରେ ସୂଚନା କମିଶନ ଅବସରପ୍ରାପ୍ତ ଜନସୂଚନା ଅଧିକାରୀ ମିଶ୍ରଙ୍କୁ ଜରିମାନା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ନିର୍ଦ୍ଦେଶର ୩୦ଦିନ ମଧ୍ୟରେ ମିଶ୍ର ପୈଠ ନ କଲେ ତାଙ୍କ ପେନସନ୍‌ରୁ କାଟି ଜମା କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

# ଟାଟା ଷ୍ଟିଲ୍ ପକ୍ଷରୁ ଜୈବ କଳା ବିବିଧତା କାର୍ଯ୍ୟକ୍ରମ

କାଳିଆପାଣି,୨୨।୬(ଅସିତ ମହାନ୍ତ)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଜୈବବିବିଧତା ସଂରକ୍ଷଣ ଓ ଏହାର ଗୁରୁତ୍ୱ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ) ପକ୍ଷରୁ ଗୁରୁବାର ସୁକିନ୍ଦା କ୍ରୋମାଇଟ୍ ଖଣି ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜୈବ କଳା ବିବିଧତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

'କଳା ଜରିଆରେ ଜୈବବିବିଧତାର ପରିପ୍ରକାଶ' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ବିବିଧ କଳାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଜୈବ ବିବିଧତାକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଜୀବଜଗତ ସଂରକ୍ଷଣର ଆବଶ୍ୟକତା ବିଷୟରେ ସେମାନଙ୍କୁ ବୁଝାଇବା କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଏହି ବିଷୟକୁ ନେଇ ଆୟୋଜିତ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ପରିବେଶବିତ୍, କଳାକାର, ଗୋଷ୍ଠୀ ସଦସ୍ୟ ଓ ଟାଟା ଷ୍ଟିଲ ମାଇନିଂର କର୍ମଚାରୀ ଏକତ୍ରିତ ହୋଇଥିଲେ। ଆଲୋଚନା ଜୈବବିବିଧତା ସଂରକ୍ଷଣ ଉପରେ ପର୍ଯ୍ୟବସିତ ଥିଲା। ଏହି କାର୍ଯ୍ୟକ୍ରମ ସହିତ ଶିଳ୍ପୀ ନିକେତନ, ଜାମସେଦପୁରର ବାଦଲ ପ୍ରମାଣିକ ଓ ତାଙ୍କ ଟିମ୍ ଦ୍ୱାରା ଏକ ତିନି ଦିନିଆ କଳା ଓ ହସ୍ତକଳା କର୍ମଶାଳା ଆୟୋଜନ କରାଯାଇଥିଲା। କର୍ମଶାଳାର ଅଂଶଗ୍ରହଣକାରୀ ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳାପରେ ନିୟୋଜିତ ହେବାର ସୁଯୋଗ ପାଇଥିଲେ। ସେମାନେ ନିଜର କଳାତ୍ମକ ଦକ୍ଷତା ପ୍ରଦର୍ଶନ କରିବା ସହ ଜୈବବିବିଧତାର ଗୁରୁତ୍ୱ ବିଷୟରେ ସୂଚିତ କରିଥିଲେ। ଟିଏସ୍‌ଏମ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ, ଜୈବ କଳା ବିବିଧତା ଭଳି କାର୍ଯ୍ୟକ୍ରମ ଜରିଆରେ ଆମେ ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱ ଓ ଆମ ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିବା ଉପରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଆମର ବିଶ୍ୱାସ ରହିଛି ଯେ କଳା ଓ ପ୍ରକୃତିକୁ ଏକସଙ୍ଗେ ପାଳନ କରି ଆମେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବା ଏବଂ ଏକ ଉତ୍ତମ ଭବିଷ୍ୟତ ଗଠନ କରିପାରିବା।

କାର୍ଯ୍ୟକ୍ରମରେ ବିଭିନ୍ନ କଳାକୃତି ଯଥା ଆକର୍ଷଣୀୟ ଚାଉଳ କଳା, ସୂକ୍ଷ୍ମ ବାଲୁକା କଳା, ସୁନ୍ଦର ଟେରାକୋଟ କଳାକୃତି, ମନୋମୁଗ୍ଧକର ପଟ୍ଟଚିତ୍ର ଚିତ୍ରକଳା, ସୁନ୍ଦର ଘାସ କଳାକୃତି ଏବଂ ପଥର ଖୋଦେଇ କଳା ଆଦିର ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ପ୍ରତିଟି କଳାକୃତିରେ ପ୍ରକୃତି ଓ କଳାର ନିବିଡ଼ ସମ୍ପର୍କ ପ୍ରତିଫଳିତ ହେବା ସହ ପରିବେଶ ଓ ଏହାର ମୂଲ୍ୟବାନ ଜୈବବିବିଧତା ସଂରକ୍ଷଣର ଆବଶ୍ୟକତା ବିଷୟରେ ସେଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଦୀର୍ଘସ୍ଥାୟୀ ବିକାଶ ଓ ପରିବେଶ ପରିଚାଳନା ଦିଗରେ ଟାଟା ଷ୍ଟିଲ୍ ମାଇନିଂର ଉଦ୍ୟମକୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଓ ଜୈବବିବିଧତା ବୋର୍ଡର ବରିଷ୍ଠ ପ୍ରୋଜେକ୍ଟ ଫେଲୋ ଅନିଲ ଜେନା ପ୍ରଶଂସା କରିଥିଲେ। ଟିଏସ୍‌ଏମ୍‌ଏଲ୍‌ର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ପ୍ରଶାସନିକ ମୁଖ୍ୟ ସଞ୍ଜୀବ ସାହୁ ଓ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଜ୍ୟୋତିପ୍ରକାଶ ନାୟକଙ୍କ ସହ ଅନ୍ୟ ଅଧିକାରୀ ଯୋଗଦେଇ ସହଯୋଗ କରିଥିଲେ।

# ଅଧା ସଫେଇ କରି ଛାଡ଼ିଦେଲେ

■ ନର୍ଦ୍ଦମା ଜଳରେ ସୃଷ୍ଟି ହେବ ବନ୍ୟା
■ କଲଭର୍ଟ,ଡ୍ରେନ୍ ନିର୍ମାଣରେ ତ୍ରୁଟି
■ ଦୁଃଖ ଭୋଗୁଛନ୍ତି ୧ନଂ. ୱାର୍ଡ ବାସିନ୍ଦା

ନୟାଗଡ଼,୨୨।୬(ଲୋକନାଥ ମିଶ୍ର)

ନର୍ଦ୍ଦମା ଜଳରେ ସୃଷ୍ଟି ହେବାକୁ ଥିବା ବନ୍ୟାର ଭୟ ନୟାଗଡ଼ ମ୍ୟୁନିସିପାଲିଟିର ୧ନଂ. ୱାର୍ଡରୁ ହଟୁନି। କଲଭର୍ଟ ଓ ଡ୍ରେନ ନିର୍ମାଣରେ ତ୍ରୁଟି କାରଣରୁ ଏଠାରେ ବର୍ଷାଋତୁରେ କୃତ୍ରିମ ବନ୍ୟା ହୋଇ ଆସୁଛି। ଜିଲା ସଦର ମହକୁମାର ସହର ପୁଣି ମ୍ୟୁନିସିପାଲିଟିରେ ଏହି ୱାର୍ଡ ରହିଛି। ତେବେ ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ମ୍ୟୁନିସିପାଲିଟି ଅଥବା ପ୍ରଶାସନ କରୁ ନ ଥିବାର ଅଭିଯୋଗ ହୋଇ ଆସୁଛି। ଚଳିତମାସ ୨୨ରୁ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇ ଯାଇଥିବାରୁ ନୟାଗଡ ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଡ୍ରେନ ଅଧା ସଫେଇ କରି ଛାଡି ଦେବା ପୁଣି ବନ୍ୟାର ଭୟକୁ ମନେ ପକାଇ ଦେଇଛି।

ପାହାଡିଆ ଅଞ୍ଚଳ ନୟାଗଡ଼। ଏଠାରେ ପାହାଡ଼ର ବର୍ଷା ଜଳ ଗାଁ ଓ ସହର ମଧ୍ୟ ଦେଇ ବିଭିନ୍ନ ଅଞ୍ଚଳରେ ଯାଉଛି। ଜିଲା ସଦର ମହକୁମାରେ ମଧ୍ୟ ଏହି ସମସ୍ୟା ଦେଖା ଦେଇଛି। ପାହାଡର ଜଳ କିଛି ଡ୍ରେନରେ ଓ ଆଉ କିଛି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଦେଇ ପ୍ରବାହିତ ହେଉଛି। ୫୭ ନଂ. ଜାତୀୟ ରାଜପଥର ବ୍ରଜେନ୍ଦ୍ର ହାଇସ୍କୁଲ ପାର୍ଶ୍ୱରୁ ଆସିଥିବା ଡ୍ରେନ ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବନ୍ଦ କରାଯାଇଛି। ଏଠାରେ ଥିବା କଲଭର୍ଟ ଦେଇ ବ୍ରଜେନ୍ଦ୍ର ହାଇସ୍କୁଲ ପାର୍ଶ୍ୱର ନର୍ଦ୍ଦମା ଜଳ ଭାଜପା ଜିଲା କାର୍ଯ୍ୟାଳୟ ନିକଟକୁ ଲାଗିଥିବା ଡ୍ରେନ ଦେଇ ଯିବାର ବ୍ୟବସ୍ଥା ହୋଇଛି। ଏଠାରେ କଲଭର୍ଟରେ ନର୍ଦ୍ଦମା ଜଳ ଚୋକ୍ ହୋଇ ଜାତୀୟ ରାଜପଥ ଉପରକୁ ବିଭିନ୍ନ ସମୟରେ ଉଠୁଛି। ବର୍ଷାର ପ୍ରକୋପ ବଢ଼ିଲେ ନର୍ଦ୍ଦମା ଜଳ ଘର ଭିତରେ ପଶି ପ୍ରାଚୀର, ଘର ଭାଙ୍ଗି ବାହାରକୁ ବାହାରୁଛି। ଗତ ୨୦୨୧ ସେପ୍ଟମ୍ବର ୨୭ ତାରିଖ ରାତିରେ ପରିବାର ଲୋକେ ଶୋଇଥିବାବେଳେ ଘରେ ପାଣି ପଶି ଘରକୁ ଭାଙ୍ଗିଥିଲା। ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖ ରାଜପଥ ଡ୍ରେନର ଜଳ, ସିନ୍ଦୁରିଆ ଓ ପାଟଚଣ୍ଡୀ ମନ୍ଦିର ସାହିର ଡ୍ରେନେଜ ଜଳ ଭାଜପା କାର୍ଯ୍ୟାଳୟର କଲଭର୍ଟ ନିକଟକୁ ଆସି ରାସ୍ତା ଉପରେ ୩ରୁ ୬ଫୁଟର ପାଣି ଜମା ହୋଇ ରହିଥିଲା। ପରେ ଭାଜପା ଜିଲା କାର୍ଯ୍ୟାଳୟର ପଛ ପାଖରେ ଥିବା ପୋଖରୀର ପ୍ରାଚୀର ପ୍ରାୟ ୨୦ ହାତ ଭାଙ୍ଗି ପୋଖରୀ ଜଳ ବନ୍ୟା ପରିସ୍ଥିତିକୁ ବଢ଼ାଇଥିଲା। ଏହି ନର୍ଦ୍ଦମା ଜଳ ୧ନଂ ୱାର୍ଡର ସଫି କୁଦିନ ଅହମ୍ମଦ, ମହମ୍ମଦ ସମସୁଦିନ, ଚିତ୍ତ ରଞ୍ଜନ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜ୍ୟୋତି ରଞ୍ଜନ ସାହୁ,ସରିଫ ଉଦ୍ଦିନ ଖାଁଙ୍କ ଘର ସମେତ ନୟାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଛ ପାଖ ସାହି ଦେଇ ପାଣି ଜମି ରହିଲା। ପାହାନ୍ତିଆ ସମୟରେ ଚିତ୍ତ ରଞ୍ଜନ ତ୍ରିପାଠୀଙ୍କ ପ୍ରାୟ ୨୦ ହାତର ପ୍ରାଚୀର ଭାଙ୍ଗିବା ପରେ ଜଳସ୍ତର ହ୍ରାସ ପାଇଲା। ଏନେଇ ପବିତ୍ର ଦଳେଇ, ସୁଶାନ୍ତ ପ୍ରଧାନ, ଅବଦୁଲ ରେହମନ ଖାନ୍ କୁହନ୍ତି ଘରେ ପୂର୍ବରୁ ନର୍ଦ୍ଦମା ଜଳ ପଶୁଥିଲା। ହେଲେ ୨୦୨୧ ସେପ୍ଟେମ୍ବର ରାତିର ନର୍ଦ୍ଦମା ଜଳ ପଶିବା ପରି କେବେ ପଶି ନ ଥିଲା। ଘରେ ଶୋଇବା ସମୟରେ ବର୍ଷା ହେବା ଜଣାପଡି ନ ଥିଲା।ପୁଣି ନର୍ଦ୍ଦମା ଜଳ ଘରେ ପଶିବା ଜାଣି ହୋଇ ନ ଥିଲା। ଏଭଳି ସମୟରେ ଘରର ବହୁ ଆସବାବପତ୍ର ଓ ଖାଦ୍ୟ ପଦାର୍ଥ ନଷ୍ଟ ହୋଇ ଯାଇଥିଲା। ଏବେ ମୌସୁମୀ ବର୍ଷା ଆରମ୍ଭ ହୋଇ ଯାଇଥିବାବେଳେ ମୁଖ୍ୟ ଡ୍ରେନକୁ ଜିଲା ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଅଧା ସଫେଇ କରି ଛାଡି ଦେଇଛନ୍ତି। ଏଣୁ ପୁଣି ବନ୍ୟାର ଭୟ ପୁଣି ଘାରିଛି। ହେଲେ ଏହାର ସାମଧାନ କରାଯାଉନି କହି କ୍ଷୋଭ ପ୍ରକାଶ କରିଥିଲେ।

## ଓସାରିଆ, ଗଭୀର ଡ୍ରେନ ନିର୍ମାଣ ଦାବି

କୃତ୍ରିମ ବନ୍ୟା ପରିସ୍ଥିତିକୁ ଏଡାଇବା ପାଇଁ ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖ କଲଭର୍ଟ ଭଙ୍ଗା ଯାଉ। ସେହିପରି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲଠାରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଓସାରିଆ ଓ ଗଭୀର ଡ୍ରେନ ନର୍ମାଣ କରାଯାଉ। ଏହି ଦୁଇ ଡ୍ରେନ ମଜ୍ଜୁରିଆପଲି ଡ୍ରେନରେ ପଡିବା ଦରକାର। ଭାଜପା ଅଫିସଠାରୁ ସିନ୍ଦୁରିଆ ବଜାର ଦେଇ ଗୋଟିଏ ପାର୍ଶ୍ୱ ଡ୍ରେନ ଓସାରିଆ ଓ ଗଭୀରତା ଥାଇ ମଜ୍ଜୁରିଆପଲ୍ଲୀ ନାଳରେ ପଡି ସାରିଛି। ପ୍ରାୟ ଦେଢ଼ ବର୍ଷ ତଳେ ସମ୍ପୃକ୍ତ ଡ୍ରେନ ନିର୍ମାଣ ହୋଇଛି। ସେହିପରି ଗଭୀରତା ଓ ଓସରିଆ ଥିବା ଅନ୍ୟ ଏକ ଡ୍ରେନ ବ୍ରଜେନ୍ଦ୍ର ହାଇସ୍କୁଲଠାରୁ ମଜ୍ଜୁରିଆ ପଲ୍ଲୀ ପର୍ଯ୍ୟନ୍ତ ନୂଆ କରି ନିର୍ମାଣ ହେବା ଦରକାର। ଅନ୍ୟପକ୍ଷେ ବ୍ରଜେନ୍ଦ୍ର ହାଇସ୍କୁଲ ସମ୍ମୁଖ ନୟାଗଡ଼ ବ୍ଲକ ନିକଟରୁ ଭାଜପା ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଡ୍ରେନକୁ ଅନରୁପ ଭାବେ ଗଭୀରତା ଓ ଓସାରିଆ ହୋଇ ତିଆରି ହେବା ଦରକାର। ଏହା କରାଗଲା ୧ନଂ. ୱାର୍ଡରୁ କ୍ରତ୍ରିମ ବନ୍ୟା ପରିସ୍ଥିତି ହଟି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ରାଜା ରାଜେଶ୍ୱର ବେଶରେ ନୟାଗଡ଼ର ଶ୍ରୀଜୀଉ



ନୟାଗଡ,୨୨।୬(ଲୋକନାଥ ମିଶ୍ର)

ନୟାଗଡ ପୁରୁଣା ସହରର ଶ୍ରୀଗୁଣ୍ଡିଚା ମନ୍ଦିରରେ ଗୁରୁବାର ରାତିରେ ଶ୍ରୀଜୀଉ ରାଜା ରାଜେଶ୍ୱର ବେଶରେ ଦର୍ଶନ ଦେଇଛନ୍ତି। ଠାକୁରଙ୍କ ବେଶ ଦେଖିବାକୁ ଭିଡ଼ ଜମୁଛି। ମନ୍ଦିର ବଡପଣ୍ଡା, ସେବାୟତମାନେ ସନ୍ଧ୍ୟାରେ ବେଶ କରିଥିଲେ। ଏ ଅବସରରେ ଘାଗିଛି କାଳିଆ ନିଶା ଭଜନ ପରିବେଷଣ ହୋଇଛି।

# ଅଜଣା ରୋଗକୁ ନେଇ ପଡ଼ି ରହିଲା ମୃତଦେହ

**ମୃତଦେହ ଦାହ କରାଇଲେ ବ୍ଲକ ଅଧକ୍ଷ,ସରପଞ୍ଚ**

ନୟାଗଡ଼,୨୨।୬(ଲୋକନାଥ ମିଶ୍ର)

ଅଜଣା ରୋଗରେ ପୀଡ଼ିତ ଥିବା ନୟାଗଡ଼ ବ୍ଲକ ଚଣ୍ଡିବସ୍ତ ପଞ୍ଚାୟତ ଖମାରସାହି ଗ୍ରାମର ଭାଗବତ ଗୁରୁଙ୍କ ଗୁରୁବାର ମୃତ୍ୟୁ ପରେ ମୃତଦେହ ଉଠି ନ ଥିଲା। ମୃତ ବୃଦ୍ଧଙ୍କ ପୁଅ ଭିନ୍ନକ୍ଷମ ହୋଇଥିବା ବେଳେ ତାଙ୍କୁ କେହି ସାହାଯ୍ୟ କରିବାକୁ ଆଗେଇ ଆସି ନ ଥିଲେ। ବହୁ ସମୟ ଧରି ମୃତଦେହ ପଡି ରହିଥିଲା।ଖବରପାଇ ମାନବିକତାର ପରିଚୟ ଦେଲେ ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ଓ ସରପଞ୍ଚ ରବିନ୍ଦ୍ର ନାଥ ସାହୁଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ। ସରପଞ୍ଚ ଓ ବ୍ଲକ ଅଧକ୍ଷ ଉକ୍ତ ଗ୍ରାମରେ ପହଞ୍ଚି ମୃତଦେହକୁ ନିଜ କାନ୍ଧରେ ଶ୍ମଶାନ ପର୍ଯ୍ୟନ୍ତ ନେଇ ଦାହ କରିଥିଲେ।



ବ୍ଲକ୍ ଅଧକ୍ଷ ଓ ସରପଞ୍ଚ ମୃତଦେହକୁ ଶ୍ମଶାନକୁ ନେଉଛନ୍ତି।

# ବିଶ୍ୱ ସଙ୍ଗୀତ ଦିବସରେ ଗଠିତ ହେଲା ସଙ୍ଗୀତାନୁଷ୍ଠାନ 'ସଙ୍ଗୀତଧାରା'

ନୟାଗଡ଼,୨୨।୬(ଲୋକନାଥ ମିଶ୍ର)

ବୁଧବାର ବିଶ୍ୱ ସଙ୍ଗୀତ ଦିବସ ଅବସରରେ ନୟାଗଡ଼ ଜିଲାର ବିଭିନ୍ନ ସଙ୍ଗୀତାନୁଷ୍ଠାନମାନଙ୍କୁ ନେଇ 'ସଙ୍ଗୀତଧାରା' ଅନୁଷ୍ଠାନ ଗଠିତ ହୋଇଛି। ଜିଲାର ବିଭିନ୍ନ କୋଣ ଅନୁକୋଣରେ ଥିବା ଲୁକ୍କାୟିତ ସଙ୍ଗୀତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ ସହିତ ସେମାନଙ୍କୁ ଉତ୍ସାହିତ କରିବା ସଙ୍ଗୀତଧାରାର ମୁଖ୍ୟ ଲକ୍ଷ୍ୟ ବୋଲି ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି । ସଙ୍ଗୀତ ଧାରାର ମୁଖ୍ୟ ପୃଷ୍ଠପୋଷକ ଭାବେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ରହିଥିବା ବେଳେ ଉପଦେଷ୍ଟା ଭାବେ ସଙ୍ଗୀତ ଗୁରୁ ରଜନୀକାନ୍ତ ମହାପାତ୍ର ଏବଂ ଲକ୍ଷ୍ମୀଧର ମହାପାତ୍ର ରହିଛନ୍ତି। ସେହିପରି ସଭାପତି ଭାବେ ବିଜୟ ଚୌଧୁରୀ, ଉପସଭାପତି ନିର୍ମଳ ଶୁରଦେଓ, ସମ୍ପାଦକ ପ୍ରଶାନ୍ତ ଦାଶ, ସହ ସମ୍ପାଦକ ବିଜୟାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଗଣମାଧ୍ୟମ ସଂଯୋଜକ ଭାବେ ଲକ୍ଷ୍ମୀଧର ସାହୁ ପ୍ରମୁଖ ସଙ୍ଗୀତଧାରାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ଗୁରୁ ପ୍ରଭାତ ଦାଶ, ଶେଖ ଅବଦୁଲ ଖାଲିକ,ଅଶୋକ ମଲ୍ଲ,ଗୋପୀନାଥ ସେଠୀ, ରଞ୍ଜନ ରଶ୍ମି ଜେନା,ଜୟଶ୍ରୀ ଦେବୀ, ଡ. ଆଶୁତୋଷ ମିଶ୍ର,ପ୍ରଦୀପ୍ତ ରଥ ପ୍ରମୁଖ ରହିଛନ୍ତି। ଆଗାମୀ ଦିନରେ ଏହି ସଙ୍ଗୀତନୁଷ୍ଠାନକୁ ପଞ୍ଜିକୃତ କରି ବର୍ଷର ବିଭିନ୍ନ ସମୟରେ ସଙ୍ଗୀତ ପରିବେଷଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।



ସଙ୍ଗୀତଧାରାର ନୂତନ କର୍ମକର୍ତ୍ତା।

## ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା

ଖଣ୍ଡପଡ଼ା,୨୨।୬(ଅଜୟ କୁମାର ମହାରଣା)

ପବିତ୍ର ରଥଯାତ୍ରା ଅବସରରେ ପୁରୀଠାରେ ୨ ଜଣ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିଙ୍କୁ ସେବାୟତମାନେ ଆକ୍ରମଣ କରିଥିବା ଘଟଣାରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ନିନ୍ଦା କରିଛନ୍ତି । ଆକ୍ରମଣ କରିଥିବା ସେବାୟତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘର ସଭାପତି ବିନାୟକ ମିଶ୍ର, ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ, ବରିଷ୍ଠ ସଦସ୍ୟ ପ୍ରଭାକର ଶିରୋମଣି, ଅଜୟ କୁମାର ମହାରଣା, ଶାନ୍ତିଶେଖର ରଥ, ରାମଚନ୍ଦ୍ର ଦାଶଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାବି କରିଛନ୍ତି । ଏ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟିଦେଇ ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ଲାଗୁ କରିବାକୁ ସଂଘ ପକ୍ଷରୁ ଦାବି ହେଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରତାପ



@ କୃଷ୍ଣ



@ ପ୍ରଜ୍ଞା



@ ମାମାଲି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କ କଚ୍ଛପ ଅବତାର



ଦଶପଲ୍ଲା,୨୨।୬(ପ୍ରକାଶ କୁମାର ପାଣି)

ଗୁରୁବାର ମହାବୀର କ୍ଷେତ୍ର ଦଶପଲ୍ଲାରେ ପବିତ୍ର ଜନ୍ମବେଦୀରେ ଦ୍ୱିତୀୟ ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥ କଚ୍ଛପ ଅବତାର ବେଶ ରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ପୂର୍ବାହ୍ନରେ ମହାପ୍ରଭୁଙ୍କ ନୀତିକାନ୍ତି ସରିବା ପରେ କଚ୍ଛପ ଅବତାରରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ । ଏହି ବେଶ ଦେଖିବା ପାଇଁ ଭକ୍ତମାନଙ୍କ ସମାଗମ ହୋଇଥିଲ।

# ଡିଆଁପଡ଼ା ଅପହରଣ ଘଟଣାର ନୂଆ ମୋଡ଼

■ ବାରମ୍ବାର କଥା ବଦଳାଇ ଫସିଲେ ଚାଷୀ
■ ମିଥ୍ୟା ଅପହରଣ ନାଟକର ଫିଟିଲା ଗୁମର
■ ଉଦ୍ଧାରକାରୀ ଓ ଚାଷୀ ଗାଁରେ ହେଲେ ଦଣ୍ଡିତ

ନୟାଗଡ଼,୨୨।୬(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଡିଆଁପଡା ଗାଁର ଚାଷୀ ଶ୍ୟାମ ସୁନ୍ଦର ବେହେରା(୫୯) ଅପହରଣ ଘଟଣାର ନୂଆ ମୋଡ। ଅପହରଣ ଘଟଣାରେ ବାରମ୍ବାର କଥା ବଦଳାଇ ଫସିଲେ ଚାଷୀ ଓ ଉଦ୍ଧାର କରିଥିବା ବ୍ୟକ୍ତି। ଫିଟିଲା ଅପହରଣ ଘଟଣାର ଗୁମର। ଡିଆଁପଡା ଓ ପଣ୍ଡୁସର ଗାଁଲୋକ ଏକାଠି ହୋଇ ନ୍ୟାୟ କରି ଉଭୟଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରି ଭବିଷ୍ୟତରେ ମିଥ୍ୟା ନାଟକ କଲେ ପରିସ୍ଥିତି ଭଲ ହେବ ନାହିଁ ଦର୍ଶାଇ ଚେତାବନୀ ଦେଇ ଛାଡିଛନ୍ତି। ସେପଟେ ପୋଲିସ ମାମଲାକୁ ଆଗକୁ ନ ନେଇ ପୂର୍ଣ୍ଣଚ୍ଛେଦ ପକାଇଛି।

ପ୍ରକାଶ ଯେ, ଗତ ୧୯ ତାରିଖ ସୋମବାର ରାତି ୮ଟାରେ ଡିଆଁପଡା ଗାଁରେ ଗ୍ରାମ ସଭା ଥିଲା । ଚାଷୀ ଶ୍ୟାମ ସୁନ୍ଦର ବେହେରା ଜଣେ ସଭ୍ୟ ଥିଲେ। ଗାଁ ସଭା ଆରମ୍ଭ ହେବା ପୂର୍ବରୁ ପନିପରିବା କ୍ଷେତକୁ ବୁଲିବାକୁ ଯାଇ ଆଉ ଫେରି ନ ଥିଲେ। ଶ୍ୟାମ ସଭାକୁ ନ ଆସିବାରୁ ପରିବାର ଲୋକଙ୍କୁ ପଚରାଯାଇଥିଲା। ହେଲେ ବିଲରୁ ଫେରି ନ ଥିବା ଜଣା ପଡିବା ପରେ କିଛି ଲୋକ ଡାକିବାକୁ ଯାଇଥିଲେ। ତେବେ ବିଲରେ ଶ୍ୟାମଙ୍କ ଗାମୁଛା ଓ ବ୍ୟବହାର କରୁଥିବା ଭଙ୍ଗା ଟର୍ଚ୍ଚ ଜବତ କରି ଅପହରଣ ସନ୍ଦେହରେ ପୋଲିସକୁ ଖବର ଦେଇଥିଲେ। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରହିଥିଲେ ମଧ୍ୟ ସୁରାକ ମିଳି ନ ଥିଲା। ବୁଧବାର ରାତିରେ ବାରପଲା ପଣ୍ଡୁସର ଗାଁର କବି ମହାନ୍ତି ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଏକ ପ୍ରଜାପତି ତାଙ୍କ ଦେହରେ ବାରମ୍ବାର ବସି ଉଡୁଥିଲା। ପୁଣି ବସୁଥିଲା। ପ୍ରଜାପତିକୁ ଠାବ କିଛି ବାଟ ଯିବା ପରେ ଶୁଳିଆମୁଣ୍ଡିଆର ମୂଳିଝରଠାରେ ପ୍ରଜାପତି ଯାଇ ଅଚେତ ଲୋକର ଶରୀରରେ ବସିଥିଲା। ଘଟଣା ସମ୍ପର୍କରେ କବି ଗାଁରେ ଜଣାଇବା ପରେ ସ୍ଥାନୀୟ ଲୋକ ଶ୍ୟାମଙ୍କୁ ଅଚେତ ଅବସ୍ଥାରେ ଡିଆଁପଡାରେ ଛାଡିଥିଲେ। ପରେ ଗାଁ ପକ୍ଷରୁ ଶ୍ୟାମଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଶ୍ୟାମ ସୁସ୍ଥ ଅଛି ବୋଲି ଡାକ୍ତର କହି ରାତିରେ ଡିସ୍‌ଚାର୍ଜ କରିଥିଲେ। ଏଭଳିସ୍ଥଳେ ଚାଷୀ ଗଣମାଧ୍ୟମକୁ ଓ ଗାଁଲୋକଙ୍କୁ ଭିନ୍ନ ଭିନ୍ନ କଥା କହି ଫସି ଯାଇଥିଲେ। ବିଲ ନିକଟରେ ଖଣ୍ଡିଆ ଭୂତ ରହିଛି। ତା'ର ପ୍ରଭାବରେ କ'ଣ ହେଲା ଜାଣି ପାରିଲେନି। ମଙ୍ଗଳବାର ଜାଣିବାକୁ ପାଇଲେ ସେ ମୁଣ୍ଡିଆରେ ଅଛନ୍ତି। ହେଲେ ଅଖିଆ ଅପିଆ ଯୋଗୁ ଘରକୁ ଆସି ପାରିଲେନି। ପରେ କହିଲେ ପନିପରିବା କ୍ଷେତ ନିକଟରେ ମୋ ଗାଁର ଜଣେ ବୋହୁଙ୍କୁ ଦେଖି ରାତିରେ କ'ଣ ବୁଲୁଛ ପଚାରିଥିଲି। ପରେ ସ୍ୱାମୀଙ୍କୁ ଦେଖି ତୁମେ ଦୁହେଁ କ'ଣ ବୁଲୁଛ ପଚାରିବାରୁ ମୋତେ ମାରପିଟ୍ କରିବାକୁ ଉଦ୍ୟମ କରଉଥିବାବେଳେ ମୁଁ ଖସି ମୁଣ୍ଡିଆକୁ ଚାଲି ଯାଇଥିଲି। ହେଲେ ମୁଁ କିଛି ଜାଣି ପାରିଲିନି। ପୁଣି କହିଥିଲେ ଗାମୁଛା ମୋର। ଉଦ୍ଧାର ଟର୍ଚ୍ଚ ମୋର ନୁହେଁ। ମୋ ଟର୍ଚ୍ଚ ମୋ ପାଖରେ ରହିଛି। ଅନ୍ୟପକ୍ଷେ ଗାଁ ଲୋକଙ୍କୁ ମଧ୍ୟ ଭିନ୍ନ ଭିନ୍ନ କଥା କହିଥିଲେ। ସେହିପରି ଉଦ୍ଧାରକାରୀ ବ୍ୟକ୍ତି ମଧ୍ୟ ପ୍ରଜାପତି ଗପ କହି ମିଛ କହୁଥିବା ଜଣାପଡିଥିଲା। ଏଭଳିସ୍ଥଳେ ଉଦ୍ଧାରକାରୀ ବ୍ୟକ୍ତି ଓ ଚାଷୀଙ୍କୁ ଗାଁଲୋକ ସତ କଣ ଜାଣିବାକୁ ପଚରାଉଚୁରା କରିଥିଲା। ଏନେଇ ଡିଆଁପଡା ଓ ପଣ୍ଡୁସର ଗାଁର କିଛି ଲୋକଙ୍କ ସୂଚନା ଅନୁସାରେ ଚାଷୀ ଅପହରଣ ନେଇ ଚିନ୍ତା ବଢ଼ିଥିଲା। କେବଳ ଡିଆଁପଡା ନୁହେଁ ଆଖପାଖ ୫ରୁ ୭ଟି ଗାଁ ଖୋଜାଖୋଜିରେ ୩ ଦିନ ପର୍ଯ୍ୟନ୍ତ ସାମିଲ ଥିଲେ। ଗାଁଲୋକଙ୍କୁ ମିଥ୍ୟା କହି ଅପହରଣ ନାଟକ ରଚା ଯାଇଥିବା ଜଣାପଡିଥିଲା। ଚାଷୀ ଓ ଉଦ୍ଧାରକାରୀ ବ୍ୟକ୍ତିଙ୍କୁ ବାରମ୍ବାର ପଚରାଉଚୁରା କରାଯାଇଥିଲା। କାହା ସହ କାହାର କଥା ମେଳ ଖାଉ ନ ଥିଲା। ଏଣୁ ଉଭୟଙ୍କୁ ଅର୍ଥ ଦଣ୍ଡରେ ଗାଁ ଲୋକେ ଦଣ୍ଡିତ କରିଛନ୍ତି। ଚାଷୀ ଜଣେ ବ୍ୟକ୍ତିଙ୍କ ଘରେ ରହି ସମସ୍ତଙ୍କୁ ହଇରାଣ କରିଛନ୍ତି। ଏହି ଘଟଣା ପଛରେ ପ୍ରେମ ସମ୍ପର୍କ ରହିଥିବା ଜଣାପଡୁଛି। ପୋଲିସ ମଧ୍ୟ ମିଥ୍ୟା କଥା ଅନୁଭବ କରି ଅଧା ବାଟରେ ତଦନ୍ତକୁ ଶେଷ କରି ଦେଇଛି। ଏନେଇ ନୟାଗଡ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ଚାଷୀ କିପରି ଜୀବନ୍ତ ଅବସ୍ଥାରେ ଉଦ୍ଧାର ହେଉ ପୋଲିସ ଚାହୁଁଥିଲା। ଅପହରଣ ଘଟଣାରେ ଚାଷୀ ମିଛ କହୁଥିବାର ଜଣାପଡିଛି। ନିଜେ ଜାଣିଶୁଣି କୁଆଡେ ଚାଲି ଯାଇ ଅପହରଣ ନାଟକ ରୂପ ଦେଇଛି ବୋଲି ଜଣାପଡିବାରୁ ତଦନ୍ତକୁ ଶେଷ କରି ଦିଆଯାଇଛି ବୋଲି କହିଛନ୍ତି।



ଅପହରଣ ନାଟକ ରଚିଥିବା ଚାଷୀ।

## ସଂକ୍ଷେପରେ

### ବଜ୍ରପାତରେ ଘର ପୋଡ଼ି, ଜଣେ ମହିଳା ଆହତ



ଯାଜପୁର ସଦର,୨୨।୬(ସମର ବିଜୟ ଶରଣ) : ଯାଜପୁର ବ୍ଲକ ଅନ୍ତର୍ଗତ ଏରବାଙ୍କ ପଞ୍ଚାୟତର ଏରବାଙ୍କ ଛକଠାରେ ଗୁରୁବାର ମଧାହ୍ନରେ ବଜ୍ରପାତରେ ପବିତ୍ର କୁମାର ରାଉତଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଘର ଭିତରେ ଥିବା ସମସ୍ତ ଆସବାବପତ୍ର ସହ ଟିଭି, ଫ୍ରିଜ୍, ଲୁଗାପଟା, ଧାନ, ଚାଉଳ ପୋଡ଼ି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି। ଏହି ବଜ୍ରପାତରେ ପବିତ୍ରଙ୍କ ମା ଆହତ ହୋଇଛନ୍ତି। ଖବର ପାଇ ବରୁଆଁ ଅଗ୍ନିଶମ ସେବା ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜିଲା ପରିଷଦ ସଭ୍ୟ ବିନୋଦ ମାଝି ଓ ବିଜୁ ଜନତା ଦଳର ଜିଲା ଉପ ସଭାପତି ଗଣେଶ ଚନ୍ଦ୍ର ମହାକୁଡ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ଆଶ୍ୱାସନ ଦେବା ସହ ସରକାରୀ ସହାୟତା ଯୋଗାଇବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

### ନିଗମା ନନ୍ଦ ବିଦ୍ୟାପୀଠରେ ମଧାହ୍ନଭୋଜନ ବନ୍ଦ

**ଚଣ୍ଡିଖୋଲ,୨୨।୬(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ବରଦାସ୍ଥିତ ନିଗମା ନନ୍ଦ ବିଦ୍ୟାପୀଠରେ ୨ଦିନ ହେବ ମଧାହ୍ନଭୋଜନ ବନ୍ଦ ରହିଛି। ୩୧୫ ଛାତ୍ରୀଛାତ୍ର ଥିବା ଏହି ବିଦ୍ୟାଳୟରେ ମଧାହ୍ନଭୋଜନ ବନ୍ଦ ହେବା ନେଇ ପୂର୍ବତନ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ସାମଲ ଓ ପୂର୍ବତନ ସରପଞ୍ଚ ଦମୟନ୍ତୀ ସାମଲ ଗୁରୁବାର ବିଦ୍ୟାଳୟକୁ ଯାଇ ଦେଖି ଶିକ୍ଷକମାନଙ୍କୁ ପଚାରି ବୁଝିଛନ୍ତି। ଏଥିସହିତ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ମଧ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଗିରି ଗ୍ରୀଷ୍ମକାଳୀନ ଅବକାଶ ଛୁଟିରେ ବଦଳି ହୋଇ ବଡ଼ଚଣାରୁ କୋରେଇ ବ୍ଲକକୁ ଯିବା ପରେ କାହାରିକୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ସେଥିପାଇଁ ମଧାହ୍ନଭୋଜନ ବନ୍ଦ ହୋଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବିଦ୍ୟାଳୟ ଶିକ୍ଷକ ରାମଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଧାନଶିକ୍ଷକ ବଦଳି ହୋଇଯିବା ପରେ କାହାକୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି ଏବଂ ଚାଉଳ ଗଚ୍ଛିତ ଥିବା ଘର ଚାବି ମଧ ତାଙ୍କ ପାଖରେ ଅଛି। ସେଥିପାଇଁ ମଧାହ୍ନ ଭୋଜନ ରୋଷେଇ ହୋଇ ପାରିନାହିଁ।

### ବ୍ୟାସନଗରରେ ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

**ଯାଜପୁରରୋଡ୍,୨୨।୬(ପବିତ୍ର ରଞ୍ଜନ ମହାନ୍ତି):**



ବ୍ୟାସନଗର ପୌର ପରିଷଦର ନୂତନ ନିର୍ବାହୀ ଅଧିକାରୀ ଭାବେ ତରୁଣ କୁମାର ମହାପାତ୍ର ଯୋଗଦାନ କରିଛନ୍ତି। ବିଗତ ବର୍ଷ ଅଭିଜ୍ଞତା ଏବଂ ପୂର୍ବରୁ ଢେଙ୍କାନାଳ ଜିଲାରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟକରି ବେଶ୍ ସୁନାମ ଅର୍ଜନ କରିଥିବା ମହାପାତ୍ର ଏଠାରେ କିପରି କାର୍ଯ୍ୟ କରିବେ ତା' ଉପରେ ସମସ୍ତଙ୍କ ନଜର ରହିଛି। ସହରର ରାଜସ୍ୱ ବହୁ କମ୍ ରହିଥିବାରୁ ଏହାର ବୃଦ୍ଧି କରାଯିବାକୁ ସେ ପଦକ୍ଷେପ ନେବା ସହିତ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏବଂ ପ୍ରଥମତଃ ସହରର ଡ୍ରେନ, ରାସ୍ତାଘାଟ ଓ ବିଦ୍ୟୁତ୍ ଲାଇଟ ସମସ୍ୟାର ସମାଧାନ ତାଙ୍କର ପ୍ରାଥମିକତା ହେବ ବୋଲି ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟ ସମ୍ପାଦନ ନିମନ୍ତେ ସେ ପୌର ପାରିଷଦଙ୍କ ସମେତ ସହରବାସୀଙ୍କ ସହଯୋଗେ କାମନା କରିଛନ୍ତି।

### ବଜ୍ରପାତରେ ୮ ଗୋରୁ ମୃତ

**କାଳିଆପାଣି,୨୨।୬(ଅସିତ ମହାନ୍ତ):** ସୁକିନ୍ଦା ବ୍ଲକ ପିମ୍ପୁଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଲାଗୁରୀସାହିଠାରେ ବଜ୍ରପାତରେ ୮ ଗୋରୁଙ୍କ ମୃତ୍ୟୁ ହୋଇଛି। ବୁଧବାର ସକାଳେ ଗୋରୁଗୁଡ଼ିକ ଚରିବାକୁ ଜଙ୍ଗଲ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ଅପରାହ୍ନରେ ହଠାତ ଘଡ଼ଘଡ଼ି ସହ ବର୍ଷା ପବନହେବାରୁ ଗୋରୁଗୁଡ଼ିକ ଏକ ମହୁଲ ଗଛମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ୫ ବଳଦ ଓ ୩ ଗାଈଙ୍କ ମୃତ୍ୟୁ ହୋଇଥିଲା।

# ୨ ବର୍ଷ ଯାଉନି, ହେଉଛି ମରାମତି

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା



ରଗଡି-କିଆପଦା ଭାୟା କୋରାବନ୍ଦୀ ରାସ୍ତା।

**ଯାଜପୁର,୨୨।୬(ହର୍ଷବର୍ଦ୍ଧନ ବେହେରା)**

ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଓ ମରାମତି ନାମରେ ପିସି କାରବାର ସହ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯାଜପୁର ଜିଲାରେ ଅଣାୟତ୍ତ ହେବାରେ ଲାଗିଛି। ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ରାସ୍ତା ଦୀର୍ଘସ୍ଥାୟୀ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି। ବିଶେଷକରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା(ପିଏମ୍‌ଜିଏସ୍‌ୱାଇ) ସମ୍ପୂର୍ଣ୍ଣ ହେବାର ୫ ବର୍ଷ ବି ତିଷ୍ଠି ପାରୁନାହିଁ। ଏହି ୫ ବର୍ଷରେ ମରାମତି ନାମରେ ବିପୁଳ ଅର୍ଥ ମଞ୍ଜୁର କରି ଆତ୍ମସାତ୍ ହେଉଥିବା ଅଭିଯୋଗ ହୋଇ ଆସୁଛି। ଏପରି କି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ସମ୍ପୃକ୍ତ ଠିକାଦାର ଓ ଅଧିକାରୀଙ୍କୁ ମରାମତି ନାମରେ ଅନିୟମିତତା ସଂକ୍ରାନ୍ତରେ ପୂର୍ବରୁ କାରଣ ଦର୍ଶାଅ ନୋଟିସ ମଧ ଦିଆଯାଇଛି। ତଥାପି ସମ୍ପୃକ୍ତ ଠିକାଦାର ଏବଂ ଯନ୍ତ୍ରୀଙ୍କ ଉପରେ ପ୍ରଭାବଶାଳୀ ନେତାଙ୍କ ସହଯୋଗ ରହୁଥିବାରୁ କୌଣସି ତାଗିଦା କାର୍ଯ୍ୟକାରୀ ହେଉନାହିଁ ବୋଲି କୁହାଯାଉଛି। ଇତିମଧ୍ୟରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ୬ଟି ପିଏମ୍‌ଜିଏସୱାଇ ରାସ୍ତାର ରୁଟିନ ମରାମତି ପାଇଁ ୧୧ ଲକ୍ଷ ୪୭ ହଜାର ୭୬୦ ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି।

ଏହି ୬ଟି ରାସ୍ତା ମଧ୍ୟରୁ ୩ଟି ରାସ୍ତା ଶେଷ ହେବାର ୨ ବର୍ଷ ୨ ମାସରେ ମରାମତିର ଆବଶ୍ୟକତା ରହିଥିବା ରିପୋର୍ଟରୁ ଜଣାପଡିଛି। ଏଥିରୁ ରାସ୍ତା କେଉଁ ମାନରେ ନିର୍ମାଣ ହେଉଛି ତାହା ସ୍ପଷ୍ଟ ଜଣାପଡୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣର ସମ୍ପୂର୍ଣ୍ଣ ହେବାର ୫ ବର୍ଷ ମଧ୍ୟରେ ରକ୍ଷଣାବେକ୍ଷଣ ବାଧ୍ୟତାମୂଳକ ଏବଂ ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥାଏ। ଏହିକ୍ରମରେ ଜିଲାର ଏକାଧିକ ରାସ୍ତାର ରକ୍ଷଣାବେକ୍ଷଣ ହେଉ ନ ଥିବା ଅଭିଯୋଗ ହେଉଥିଲା। କେତେଜଣ ପିଏମଜିଏସ୍‌ୱାଇ ରାସ୍ତା କାମ ସମ୍ପୂର୍ଣ୍ଣ ନ କରି ଠିକାଦାର ଫେରାର ହୋଇ ଯାଉଥିବା ମଧ ଦେଖିବାକୁ ମିଳୁଛି। ଏଠାରେ ରଗଡି-କିଆପଦା ଭାୟା କୋରାବନ୍ଦୀ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତାର ପ୍ରାୟ ୧ କିମି ବାକି ଥିବାବେଳେ ନିର୍ମାଣ ସମ୍ପୂର୍ଣ୍ଣ ନ କରି ସଂପୃକ୍ତ ଠିକାଦାର କାମ ବନ୍ଦ କରି ଫେରାର ହୋଇ ଯାଇଛନ୍ତି। ଏହାସହ ରାସ୍ତା ନିର୍ମାଣ ପରିମାଣଠାରୁ ଢେର ଗୁଣ ଅଧିକ ବିଲ ଯନ୍ତ୍ରୀଙ୍କ ସହାୟତାରେ ଉଠାଇ ନେଇଥିବା ମଧ କୁହାଯାଉଛି। ଅନ୍ୟପକ୍ଷେ ଲକ୍ଷ୍ମୀନାରାୟଣ କନଷ୍ଟ୍ରକ୍ସନ ଦ୍ୱାରା ସାସନ୍ଦାଠାରୁ ବରୁଣ ରାସ୍ତା ୭।୫।୨୦୨୨ରେ ନିର୍ମାଣ ଶେଷ ହୋଇଥିଲା। ଏହି ରାସ୍ତା ନିର୍ମାଣ ହେବାର ୧ ବର୍ଷ ୧ ମାସ ମାତ୍ର ଅତିକ୍ରାନ୍ତ ହୋଇଛି। ହେଲେ ଏବେଠାରୁ ରାସ୍ତା ମରାମତିର ଆବଶ୍ୟକତା ପଡିଛି। ଏଥିରେ ୭୦ ହଜାର ଟଙ୍କା ଆବଶ୍ୟକ ଅଛି ବୋଲି ନିର୍ବାହୀ ଯନ୍ତ୍ରୀ ରିପୋର୍ଟ ଦାଖଲ କରିଛନ୍ତି। ସେହିପରି ଠିକାଦାର ଶୀତଳ ଚନ୍ଦ୍ର ସାହାଣୀଙ୍କ ଦ୍ୱାରା ନିର୍ମିତ ଶ୍ରୀଧରପୁର ଛକ ଠାରୁ ବୃନ୍ଦାବନପୁର ରାସ୍ତା କାର୍ଯ୍ୟକୁ ଶେଷ ହେବାର ୫ ବର୍ଷ ୧ ମାସ ପୁରିଛି। ଏହି ରାସ୍ତା ମରାମତି ପାଇଁ ୩ ଲକ୍ଷ ୨୦ ହଜାର ୭୬୦ ଟଙ୍କାର ଆବଶ୍ୟକତା ରହିଛି। ଅଜୟ କିଶୋର ରାଉତରାୟଙ୍କ ଦ୍ୱାରା ନିର୍ମିତ କସପାଠାରୁ ମଲ୍ଲିକାପୁର ରାସ୍ତା ଏବଂ ବଳଦାଠାରୁ ଧୋବାବିଲ ଭାୟା ଶ୍ୟାମସୁନ୍ଦରପୁର ରାସ୍ତାକୁ ବର୍ଷ ୨ ମାସ ଲେଖାଏଁ ହୋଇଛି। ଏହି ଦୁଇ ରାସ୍ତାର ମରାମତି ପାଇଁ ୧ ଲକ୍ଷ ୨୭ ହଜାର ଏବଂ ୧ ଲକ୍ଷ ୭୩ ହଜାର ଟଙ୍କା ପାଇଁ ଆବେଦନ କରାଯାଇଛି। ଠିକାଦାର ଭରତ ଜେନାଙ୍କ ଦ୍ୱାରା ନିର୍ମିତ ଚିକଣାଠାରୁ ଉଡଙ୍ଗରା ଏବଂ ପୂର୍ତ୍ତ ବିଭାଗ ରାସ୍ତାଠାରୁ କାଣ୍ଡିସାହି ରାସ୍ତା କାର୍ଯ୍ୟ ୩ ବର୍ଷ ୫ ମାସ ହେଲା ସମ୍ପୂର୍ଣ୍ଣ ହୋଇଛି। ଏହି ଦୁଇ ରାସ୍ତାର ମରାମତି କାର୍ଯ୍ୟ ପାଇଁ ୩ ଲକ୍ଷ ୮୦ ହଜାର ଓ ୭୭ ହଜାର ଟଙ୍କା ଆବଶ୍ୟକ ରହିଛି। ଏଭଳି ଭାବେ ବର୍ଷକୁ ବର୍ଷ ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ତଥାପି ରାସ୍ତାର ଅବସ୍ଥା ସୁଧୁରି ପାରୁନାହିଁ। ଅଳ୍ପ ଦିନ ମଧ୍ୟରେ ଉପରୋକ୍ତ ରାସ୍ତାଗୁଡିକରେ ବଡ ବଡ ଫାଟ ହୋଇଥିବାବେଳେ କେଉଁଠି ଦବି ଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଯୋଜନାରେ ୫ବର୍ଷ ପାଇଁ ରାସ୍ତାର ଖରାପ ସ୍ଥାନଗୁଡିକୁ ମରାମତି କରିବା ଦାୟିତ୍ୱ ଠିକାଦାରଙ୍କ ଉପରେ ନ୍ୟସ୍ତ ଥିଲେ ମଧ ସଂପୃକ୍ତ ଠିକାଦାର ବିଭାଗୀୟ କର୍ମଚାରୀଙ୍କୁ ହାତବାରିସୀ କରି ଯେନତେନ ଉପାୟରେ ବର୍ଷକୁ ବର୍ଷ ମରାମତି ପାଇଁ ଥିବା ପାଣ୍ଠିକୁ ହଡପ କରିବାରେ ଲାଗିଛନ୍ତି। ତେବେ ରାସ୍ତା ଦବିବା ଏବଂ ଫାଟିବାକୁ ଘୋଡାଇବାକୁ ଯାଇ ସମ୍ପ୍ରତି ଠିକାଦାରମାନେ ବିଭିନ୍ନ ପ୍ରକାର ଆଳ ଦେଖାଇ ବର୍ତ୍ତି ଯାଉଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ପିଏମ୍‌ଜିଏସ୍‌ୱାଇ ରାସ୍ତାର ରୁଟିନ ମରାମତି ପାଇଁ ପାଣ୍ଠି ରହିଛି। ତେଣୁ ଯେଉଁଠି ରାସ୍ତା ଖରାପ ହେଉଛି ସେଇଠି ଆବଶ୍ୟକତା ଅନୁସାରେ ପାଣ୍ଠି ଆଣି ମରାମତି କରାଯାଉଛି।

### ରଥିଆ ଜୋଗାଶ୍ରମରେ ଯୋଗଦିବସ

**ଧର୍ମଶାଳା,୨୨।୬(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ୍ ଅଧୀନ ରଥିଆଠାରେ ଅଭିବକ୍ତ କଟକ ଜିଲା ମୁନି ସମାଜ ପକ୍ଷରୁ ଯୋଗଦିବସ ପାଳିତ ହୋଇଯାଇଛି। ଯୋଗାଚାର୍ଯ୍ୟ ଧ୍ରୁବମୁନୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ମୁନି ସମାଜର ପୂର୍ବତନ ଅଧକ୍ଷ ଯୋଗାଚାର୍ଯ୍ୟ ସ୍ୱର୍ଗତ କାଳିମୁନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଯୋଗ ଶିବିର ଆରମ୍ଭ ହୋଇଥିଲା। ଜିଲା ଉପସଭାପତି ଯୋଗୀ ବନମାଳି ରାଉତ ସତ୍ୟପତାକା ଉତ୍ତୋଳନ କରିଥିଲେ। ଜିଲା ମୁନୀ ସମାଜର ପ୍ରଚାର ସଙ୍ଗଠକ ଯୋଗୀ ନାରାୟଣ ବିଶ୍ୱାଳ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ରଥିଆ ମୁନି ସମାଜର ସଭାପତି ରଘୁନାଥ ଦାସ ସ୍ଥାନୀୟ ମୁନୀ ସମାଜ ପାଇଁ ଏକ କାର୍ଯ୍ୟାଳୟ ଗୃହ ପ୍ରଦାନ କରିଥିଲେ। ଯୋଗୀ ବାସୁମୁନୀ, ଅମିତ ମୁନୀ, ସଚ୍ଚିଦାନନ୍ଦ ମୁନୀ, କଳ୍ପତରୁ ମୁନୀ, ସୌଭାଗ୍ୟ ମୁନୀ, ସାଧୁ ମୁନୀ, ଦାଶରଥୀ ମୁନୀ ଯୋଗଦେଇ ଯୋଗା ଭ୍ୟାସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ସମାଜର ସବୁ ବର୍ଗର ମନୁଷ୍ୟ ମୁନୀ ସମାଜରେ ପ୍ରବେଶ କରି ଜୀବନରେ ଯୋଗସାଧନାକୁ ଅପଣେଇ ନେବାକୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରଥିଆ, ସକୁନ୍ତଳାପୁର, ବାତୋ, ମହିମାନଗର, ଛଡିଆ, ଫାଜିଲପୁର, ରଙ୍ଗିଟାଙ୍ଗର, କୁରୀକଣା ଓ ମହିଶରା ଯୋଗକେନ୍ଦ୍ରର ମୁନିମାନେ ଯୋଗଦେଇଥିଲେ।

# ୧୫ ଦିନ ମଧ୍ୟରେ ମାମଲାରୁ ପରଦା ହଟିବ



ମୃତ ଛାତ୍ରୀଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ଜିଲା ପୋଲିସ ମୁଖ୍ୟାଳୟ ଘେରାଉ କରାଯାଇଛି।

**ପାଣିକୋଇଲି,୨୨।୬ (ବିକାଶ କୁମାର ମଲ୍ଲିକ)**

**ଡିପ୍ଲୋମା ଛାତ୍ରୀ ରୋଜାଲିନ ପାତ୍ର ମୃତ୍ୟୁ ମାମଲା**

୧୫ ଦିନ ମଧ୍ୟରେ ଡିପ୍ଲୋମା ଛାତ୍ରୀ ରୋଜାଲିନ ପାତ୍ର ମୃତ୍ୟୁ ମାମଲାରୁ ପରଦା ହଟିବ। ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଆନ୍ଦୋଳନକାରୀ ଓ ପୋଲିସ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଏହି ନିର୍ଯ୍ୟାସ ବାହାରିଛି।

ସୂଚନା ମୁତାବକ, ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ରଗଡ଼ିସ୍ଥିତ ସରକାରୀ ପଲିଟେକନିକର ଡିପ୍ଲୋମା ଶେଷ ବର୍ଷର ଛାତ୍ରୀ ରୋଜାଲିନଙ୍କ ମୃତ୍ୟୁର ୩ ମାସ ପରେ ବି ପୋଲିସ ଘଟଣା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ଗୁରୁବାର ପୋଲିସର ପାରିବା ପାଣିଆ ନେଇ ଧର୍ମଶାଳାର ସାମାଜିକ କର୍ମୀ ସତିଶ ବିଶ୍ୱାଳଙ୍କ ନେତୃତ୍ୱରେ ରୋଜାଲିନଙ୍କ ମା'ବାପାଙ୍କ ସମେତ ଶତାଧିକ ଗ୍ରାମବାସୀ ପାଣିକୋଇଲିସ୍ଥିତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ସମୟରେ ଆଲୋଚନା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ମାର୍ଚ୍ଚ ୨୭ ତାରିଖରେ ରୋଜାଲିନଙ୍କ ମୃତଦେହ ପଲିଟେକନିକର ହଷ୍ଟେଲ ରୁମରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୋଲିସ ଓ କଲେଜ କର୍ତ୍ତୃପକ୍ଷ ରୋଜାଲିନଙ୍କ ମୃତ୍ୟୁକୁ ଆତ୍ମହତ୍ୟା ବୋଲି କହୁଥିବାବେଳେ ତାଙ୍କ ପରିବାର ଲୋକେ ଏହା ଏକ ହତ୍ୟା ଷଡ଼ଯନ୍ତ୍ର ବୋଲି କହିଥିଲେ। କଲେଜର ଜଣେ ଛାତ୍ର ଓ ଦୁଇ ଛାତ୍ରୀ ତାଙ୍କୁ ବିଭିନ୍ନ ଘଟଣାକୁ ନେଇ ରାଗିଂ କରୁଥିବା ତାଙ୍କ ବାପା ଅମୂଲ୍ୟ ପାତ୍ର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଉକ୍ତ ଘଟଣାକୁନେଇ ଦଫା ୩୦୨, ୨୯୪, ୫୦୭ ଓ ୩୪ରେ ଏକ ମାମଲା ନଂ.୮୦/୨୩ ପଞ୍ଜୀକୃତ କରିବା ସହ ରୋଜାଲିନଙ୍କ କେତେଜଣ ସହପାଠୀଙ୍କୁ ପଚରାଉଚରା କରି ରହିଯାଇଛି। ରୋଜାଲିନଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା ତା' ଉପରୁ ପରଦା ଉଠାଇ ପାରୁନାହିଁ। ରୋଜାଲିନଙ୍କ ମୋବାଇଲରୁ ସିମ ଗାଏବ ଥିବାରୁ ପ୍ରମାଣ ମିଳିପାରୁ ନାହିଁ ବୋଲି କହି ପୋଲିସ ତାଙ୍କ ମା'ବାପାଙ୍କୁ ଅନ୍ଧାରରେ ରଖିଛି। ରୋଜାଲିନଙ୍କ ବାପା ଶ୍ରମିକ ଶ୍ରେଣୀର। ତେବେ ସେ ଅଭିଯୋଗରେ ଦର୍ଶାଇଥିବା ସହପାଠୀଙ୍କ ପରିବାର ବର୍ଗ ଆର୍ଥିକ ସ୍ୱଚ୍ଛଳ ଥିବାରୁ ଘଟଣାକୁ ଚପାଇଦେବା ଲାଗି ଚେଷ୍ଟା କରାଯାଇଛି ବୋଲି ରୋଜାଲିନଙ୍କ ମା'ବାପା ଅଭିଯୋଗ କରିଛନ୍ତି।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

**ପାଣିକୋଇଲି,୨୨।୬ (ବିକାଶ କୁମାର ମଲ୍ଲିକ)**

ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚର ୩୭ଜଣ ସଦସ୍ୟଙ୍କୁ ଯାଜପୁର ଜିଲା ପୋଲିସ ତରଫରୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଉକ୍ତ ପରିଚୟ ପତ୍ରଗୁଡ଼ିକୁ ପାଣିକୋଇଲି ଥାନା ଅଧିକାରୀ ଚିନ୍ମୟୀ ବେହେରା ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ ଓ ସମ୍ପାଦକ ସୁରେନ୍ଦ୍ର କୁମାର ରାୟଙ୍କୁ ପ୍ରଦାନ କରିଛନ୍ତି। ଏଥିପାଇଁ ମଞ୍ଚର ସମସ୍ତ ସଦସ୍ୟ ପାଣିକୋଇଲି ଥାନା ଅଧିକାରୀ ଓ ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କୁ ସାଧୁବାଦ ଜଣାଇଛନ୍ତି। ୨୦୧୯ରେ ଯାଜପୁରର ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ୮୦ ସଦସ୍ୟଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ଥର ପାଇଁ ଆବେଦନ କରିଥିବା ୩୭ ଜଣଙ୍କୁ ଏହି ପରିଚୟ ପତ୍ର ପ୍ରଦାନ କରାଯାଇଛି।

### ଖଣି ଅଞ୍ଚଳରେ ଯୋଗ ଦିବସ

**କାଳିଆପାଣି,୨୨।୬(ଅସିତ ମହାନ୍ତ)**

କାଳିଆପାଣି ଖଣି ଅଞ୍ଚଳରେ ଅନ୍ତର୍ଜାତୀୟ ଯୋଗ ଦିବସ ବୁଧବାର ପାଳିତ ହୋଇଯାଇଛି। ଟାଟାଷ୍ଟିଲ ମାଇନିଂ କମ୍ପାନୀ କଲୋନୀ ପରିସରରେ ଥିବା କାଟେପୂର୍ତ୍ତି ଅଡିଟରିୟମଠାରେ ସକାଳ ୬ଟାରେ ଯୋଗ କରାଯାଇଥିଲା। ଯୋଗଗୁରୁ କୋୟଲ ମଣ୍ଡଳ ଯୋଗ ପ୍ରଦର୍ଶନ କରିଥିଲେ। କମ୍ପାନୀର ସୁକିନ୍ଦା ଖଣି ମ୍ୟାନେଜର ଶମ୍ଭୁନାଥ ଝା, ସରୁଆବିଲ ଖଣି ମ୍ୟାନେଜର, ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଓ ସହମୁଖ୍ୟ ସଞ୍ଜୀବ ସାହୁଙ୍କ ସମେତ ଶତାଧିକ କର୍ମଚାରୀ, କଲୋନୀ ଅନ୍ତେବାସୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଅଜୟ କୁମାର ରଥ, ପ୍ରଭାସ ବେଜ, ଖଗେଶ୍ୱର ନାୟକ ଓ ସୀମାରାଣୀ ମହାନ୍ତ ପ୍ରମୁଖ ସାମିଲ ହୋଇ ଯୋଗ କରିଥିଲେ। ସେହିପରି ଓଡ଼ିଶା ଖଣି ନିଗମ ପକ୍ଷରୁ କାଳିଆପାଣି ଟାଉନ ସିପଠାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଆଞ୍ଚଳିକ ପ୍ରବନ୍ଧକ ଇଂ. ଆଶିଷ କୁମାର ସାମନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ମଧୁସ୍ମିତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗଦ୍ୱାରା ଶରୀର ସୁସ୍ଥ ରହିବା ସହ ନିରୋଗୀ ରହେ ବୋଲି କହିଥିଲେ। ଭାରତୀୟ ସଂସ୍କୃତି ସହ ଯୋଡି ହୋଇ ଥିବା ବେଳେ ତାହା ଏବେ ସାରା ବିଶ୍ୱରେ ଆଦୃତ ହୋଇପାରିଛି ବୋଲି ସେ ପ୍ରକାଶ କରିଥିଲେ। ଭୁବନେଶ୍ୱରସ୍ଥିତ ଯୋଗଗୁରୁ ଡ. ପି ପଣ୍ଡା ଓ ଡା. ନିହାରିକା ଯୋଗଦେଇ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଖଣି ନିଗମର ଶତାଧିକ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, କାଳିଆପାଣି ଖଣି ପରିଚାଳକ ଇଂ. ସତ୍ୟସୁନ୍ଦର ଦାସ, ପ୍ରଶାସନିକ ଅଧିକାରୀ ମାନସ ପଟ୍ଟନାୟକ ଓ ଜିଲା ପରିଷଦ ସଭ୍ୟା ଜେମା ଚାଖି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜୀବଗାନ୍ଧୀ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗଦିବସ



ଯୋଗ ଦିବସରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଯାଜପୁର ରୋଡ,୨୨।୬ (ପବିତ୍ର ରଞ୍ଜନ ମହାନ୍ତି)**

ନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ, ଭାରତ ସ୍ୱାଭିମାନ ଟ୍ରଷ୍ଟ, ପତଞ୍ଜଳି ଯୋଗ ସମିତି ମିଳିତ ଆନୁକୂଲ୍ୟରେ ବ୍ୟାସନଗରସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରି ଦୈନନ୍ଦିନ କାର୍ଯ୍ୟସୂଚୀରେ ଯୋଗକୁ ଯୋଡି ରଖିଲେ ଶାରିରୀକ ଓ ମାନସିକ ଦକ୍ଷତା ବୃଦ୍ଧି ପାଏ ବୋଲି ମତବ୍ୟକ୍ତ କରିଥିଲେ। ବ୍ୟାସନଗର ପୋରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଶରୀର ଓ ପରମାତ୍ମାଙ୍କ ମଧ୍ୟରେ ସଂଯୋଗ କରାଇବାର ମାଧ୍ୟମ ଓ ଯୋଗ ବିନା ଜୀବନ ନିରର୍ଥକ ବୋଲି କହିଥିଲେ। ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର ମୁଖ୍ୟ ସଂଯୋଜକ ଚିନ୍ତାମଣି ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲା ସଭାପତି ବିବେକାନନ୍ଦ ଜେନା, ମଞ୍ଚର ସଭାପତି ବିଜୟ କୁମାର ଦାସ, ସଂପାଦକ ଶିଶିର କୁମାର ରାଉତ ପ୍ରମୁଖ ଯୋଗ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଯୋଗଗୁରୁ ବଟକୃଷ୍ଣ ପ୍ରଧାନ, ସଂଯୁକ୍ତା ମହାପାତ୍ର, ବିଭୀଷଣ ନାୟକ ପ୍ରମୁଖ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ଜିଲା ଟ୍ୟାକ୍ସ ବାର ସଂଘ, ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ, ଯାଜପୁର ଜିଲା କିନ୍ନର ସଂଘ, ସତ୍ୟସାଇ ସେବା ସଂଗଠନ, ବ୍ୟାସନଗର ମହା ବିଦ୍ୟାଳୟ ଏନସିସି, ପ୍ରାତଃ ଭ୍ରମଣ ସଂଘ ସମେତ ବହୁ ଅନୁଷ୍ଠାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଇନଜୀବୀ ବି.ଏସ.କେ ସାମଲ, ଦୁର୍ବାଦଳ ବସୁ, ବିବେକାନନ୍ଦ ମହାନ୍ତି, ଦେବଦତ୍ତ ରାୟ, ଆଶୁତୋଷ ମିଶ୍ର, ଅଚ୍ୟୁତାନନ୍ଦ ମହାନ୍ତି, ପ୍ରସନ୍ନ କୁମାର ଦାସ, ଜିତେନ୍ଦ୍ର କୁମାର ରାଉତ, ବିଭୁତି ବିଶ୍ୱାଳ, ଦୀପକ କୁମାର ପରିଡା, ପ୍ରାଣବନ୍ଧୁ ଜେନା, ପ୍ରଫୁଲ୍ଲ କୁମାର ନାୟକ, ଅଶୋକ କୁମାର ଦାସ, ବିଶ୍ୱଜିତ୍ ପରିଡା, ବନିତା ପରିଡାଙ୍କ ସମେତ ମଞ୍ଚର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

# କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ର ରଣବୀର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସିଂହପୁର,୨୨।୬ (ଅନଙ୍ଗ ଉଦୟ ବେଉରିଆ)**

ବିଞ୍ଝାରପୁର ବ୍ଲକ ବାଙ୍ଗରା ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ର ରଣବୀର ବେହେରା ନବୋଦୟ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବାରୁ ଜରୀ ବାଙ୍କ ପ୍ରକଳ୍ପ କ୍ଲଷ୍ଟର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବାଙ୍ଗରା ନୋଡାଲ ଉପ୍ରା ବିଦ୍ୟାଳୟ ଓ କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ଦିଲୀପ ଦାସ, ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ବାଳା ସାମଲଙ୍କ ସଂଯୋଜନାରେ ଛାତ୍ର ରଣବୀର ବେହେରା ଓ ଅଭିଭାବକ ରମେଶ ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରେମଲତା ବାରିକ, କଳା ଶିକ୍ଷୟିତ୍ରୀ ଅରୁପମା ନାୟକ, ଚିତ୍ରରେଖା ସାହୁ, ସାଗ୍ନିକା ଧଳ, ପ୍ରଧାନଶିକ୍ଷକ ବୀରେନ୍ଦ୍ର ନାରାୟଣ ଦାସ, ସୁରେଶ ମଲିକ, ହେମନ୍ତ ସାମଲ, ପରମାନନ୍ଦ ବାରିକ, ଅନିଲ ବିଶ୍ୱାଳ, ମଧୁସ୍ମିତା ମିଶ୍ର, ଅକ୍ଷୟ ନାୟକ ଓ ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ବିଦ୍ୟାର୍ଥୀ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ

**ଯାଜପୁର ଟାଉନ,୨୨।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**



ଅତିଥି ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରୁଛନ୍ତି।

ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣି ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ 'ମୋ ବିଦ୍ୟାର୍ଥୀ' ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଯାଜପୁର ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଗୁରୁବାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଝୋଟି, ମୁରୁଜ ଓ ବନ୍ଦାପନା ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଦୁଃଖବନ୍ଧୁ ନାୟକ ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ୧୦ଟି ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ନାୟକ କହିଥିଲେ, ଶିକ୍ଷା ଅମୂଲ୍ୟ ରତ୍ନ। ଶିକ୍ଷା ବିନା ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ଅସମ୍ଭବ। ଏଣୁ ଜିଲାରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ପାଇଁ ଏହା ମହତ କାର୍ଯ୍ୟକ୍ରମ। ଏଥିରେ ସମସ୍ତ ପରିବାରର ପିତାମାତା, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ, ଜନସାଧାରଣ ଓ ସମସ୍ତ ସରକାରୀ କଳ ସାମିଲ ହୋଇ ଜିଲାକୁ 'ମିଶନ ଜିରୋ ଡ୍ରପ ଆଉଟ୍' କରିବାକୁ ସେ ଆହ୍ୱାନ ଦେଇଥିଲେ।

ଶିକ୍ଷା, ମଧ୍ୟାହ୍ନ ଭୋଜନର ପଞ୍ଚ ନିୟମ, ପୁରାତନ ଛାତ୍ର ସଂଗଠନ ତଥା ଆଲମୁନିଙ୍କ ସହଯୋଗ, ବିଜ୍ଞାନର ପ୍ରଚାର ପ୍ରସାର, ଶ୍ରେଣୀ ଗୃହ ଶିକ୍ଷାରେ ସାମିଲ ହେବା ସହ ବାସ୍ତବ ଶିକ୍ଷା ପରିବେଶରେ ପାଠ ପଢ଼ିବା ଆଦି ସଚେତନତା ବାର୍ତ୍ତା ଆଦି ବହନ କରି ୧୦ ରଥ ଜିଲାର ୧୦ ବ୍ଲକ୍‌ରେ ୨୮ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ପ୍ରଚାର ପ୍ରସାର କରି ଜନ ଜାଗରଣ କରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ସମଗ୍ର ଶିକ୍ଷାର ପ୍ରକଳ୍ପ ସଂଯୋଜକ ରଞ୍ଜନ କୁମାର ଗିରି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କୃତିବାସ ବାରିକ, ଶଶୀଧର ସିଂଘ, ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ଜ୍ୟୋତ୍ସ୍ନାମୟୀ ଧଳ, ଜିଲା ସ୍କୁଲ୍ ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ, ସହକାରୀ ଶିକ୍ଷକ ଜହିରୁଦ୍ଦିନ୍ ଖାଁ ଏବଂ ଛାତ୍ରୀଛାତ୍ରୀଙ୍କ ସମେତ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଶିଶୁ ଶ୍ରମିକ ନିୟୋଜନ ବିରୋଧରେ ଶ୍ରମ ବିଭାଗର ଚଢ଼ାଉ**

**କୁଜଙ୍ଗ,(ମନୋଜ ପ୍ରଧାନ):** ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିୟୋଜିତ ଥିବା କୁଜଙ୍ଗ ଅଞ୍ଚଳର ବିଭିନ୍ନ ଇଟା ଭାଟି, ହୋଟେଲ ଓ ଗ୍ୟାରେଜ ଉପରେ ଗୁରୁବାର ଚଢ଼ାଉ କରାଯାଇଛି । ଜିଲା ଶ୍ରମ ଅଧିକାରୀ ଶାନ୍ତନୁ କୁମାର ବ୍ରହ୍ମା, ଶିଶୁ ସୁରକ୍ଷା ଆୟୋଗ ଅଧିକାରୀ ଉଦୟ କୁମାର ସ୍ୱାଇଁ, ସବ୍‌ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶିଶୁମାନଙ୍କ କାମରେ ନିୟୋଜିତ କରିଥିବା ମାଲିକମାନଙ୍କୁ ତାଗିଦା କରିଥିଲେ। ଏଥିସହ ଶିଶୁ ଶ୍ରମିକ ନିୟୋଜିତ ଜନିତ ଆପରାଧିକ ଦିଗ ଓ ଦଣ୍ଡ ଉପରେ ସଚେତନ କରାଇଥିଲେ।

## ପରିବାର ଲୋକଙ୍କୁ ଭେଟିଲେ ବିଧାୟକ

### କୁମ୍ଭୀର ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା

**ରାଜନଗର, ୨୨।୬ (ଭାସ୍କର ରାଉତରାୟ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ହାତିଆଗଡ଼ି ଗାଁର ବୈଲୋଚନ ଦାସଙ୍କ ସ୍ତ୍ରୀ ସିତାରାଣୀଙ୍କୁ ବୁଧବାର କୁମ୍ଭୀର ବାଡ଼ି ପୋଖରୀ ତୁଠରୁ ଟାଣି ନେଇଥିଲା। ବାଡ଼ି ପୋଖରୀକୁ ଲାଗିଥିବା ଚଡଦିଆ କେନାଲରୁ ସିତାରାଣୀଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନିଜ ବାଡ଼ିରେ ଥିବା ପୋଖରୀ କୂଳରୁ କୁମ୍ଭୀର ଟାଣି ନେଇଥିବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁବାର ରାଜନଗର ବିଧାୟକ ଧ୍ରୁବ ସାହୁ ମୃତର ମହିଳାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ମୃତା ମହିଳାଙ୍କ ପରିବାରକୁ କିପରି ଶୀଘ୍ର ସରକାରୀ ସହାୟତା ମିଳିବ ସେ ନେଇ ବନ ବିଭାଗ ଅଧିକାରୀଙ୍କ ସହ କଥା ହୋଇଥିଲେ। ବିଧାୟକଙ୍କ ସହ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ଫରେଷ୍ଟର ବିଜୟ କୁମାର ପାତ୍ର, ସରୋଜ କୁମାର ରାଉତ, ଶିକ୍ଷାବିତ୍ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ଭେଟି ଥିଲେ। ସେହିପରି ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ହାତିଆଗଡ଼ି ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ୫ ମାସରେ ୧୧୨ ଦୁର୍ଘଟଣା: ୪୩ ମୃତ, ୫୮ ଗୁରୁତର

**ଜଗତ୍‌ସିଂହପୁର ଜିଲା**

- ୭୪୦ ଚାଳକଙ୍କ ଲାଇସେନ୍ସ ବାତିଲ
- ୬୯ ଲକ୍ଷ ଟଙ୍କା ଜରିମାନା ଆଦାୟ

**ଜଗତ୍‌ସିଂହପୁର, ୨୨।୬ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲାରେ ଗାଡି ଚାଳକମାନଙ୍କ ମନମୁଖି ଓ ଦ୍ରୁତ ଗାଡିଚାଳନା ଚିନ୍ତାର କାରଣ ପାଲଟିଛି । କାରଣ ଗତ ଜାନୁୟାରୀରୁ ମେ ମାସ ମଧ୍ୟରେ ଜିଲାରେ ୧୧୨ଟି ଦୁର୍ଘଟଣା ଘଟିଥିବା ବେଳେ ୪୩ ଜଣଙ୍କର ମୃତ୍ୟୁ ଘଟିଛି । ୫୮ଜଣ ଗୁରୁତର ହୋଇଛନ୍ତି । ଏହାବାଦ୍ ପ୍ରତ୍ୟହ କେଉଁଠି ନା କେଉଁଠି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ପରିବହନ ବିଭାଗ, ପୋଲିସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ଏ ଦିଗରେ ଅଧିକ ଦାୟିତ୍ୱବାନ ନ ହେଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, କଟକ-ଜଗତ୍‌ସିଂହପୁର-ବାଲିକୁଦା ଏବଂ କଟକ-ପାରାଦୀପ ମୁଖ୍ୟ ରାସ୍ତା ଦ୍ୱୟରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଏହି ରାସ୍ତାରେ ଭାରିଯାନଗୁଡ଼ିକ ଚିନ୍ତା ବଢ଼ାଇ ଦେଉଛି । ଜିଲାର ବାଲି ଘାଟଗୁଡ଼ିକରୁ ପ୍ରତ୍ୟହ ସହସ୍ରାଧିକ ଟ୍ରିପ୍ ବାଲି ବିଭିନ୍ନ ଅଞ୍ଚଳକୁ ପରିବହନ କରାଯାଉଛି। ଏହି କାମରେ ଅଧିକାଂଶ ହାଇୱା ଲାଗିଛି। ଏସବୁ ଗାଡି ଚାଳକମାନେ ଲୋକଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେଉନାହାନ୍ତି। ଆବଶ୍ୟକଠାରୁ ଅଧିକ ବାଲି ଲୋଡ୍ କରିବା ସହ ଡାଲା ଉପରେ ପାଲ ଭିଡୁ ନାହାନ୍ତି । ଦ୍ରୁତ ଗତିରେ ହାଇୱାଗୁଡ଼ିକ ଯାଉଥିବାବେଳେ ବାଲି ଉଡି ପଛରେ ଆସୁଥିବା ବାଇକ୍ ଚାଳକଙ୍କୁ ଅସୁବିଧାରେ ପକାଉଛି । ରାସ୍ତାରେ ମଧ୍ୟ ବାଲି ଜମି ରହିବାରୁ ଦୁର୍ଘଟଣାର କାରଣ ହେଉଛି । ଜିଲାର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ନିୟନ୍ତ୍ରଣ ଠିକ୍ ଭାବେ ହେଉନାହିଁ । ବଜାରଗୁଡିକରେ ଦୋକାନୀମାନେ ରାସ୍ତା ଆଡକୁ ସେମାନଙ୍କ ସାମଗ୍ରୀ ରଖି ବେପାର କରୁଛନ୍ତି । ଶପିଂ ମଲ୍ ତଥା ବଡ ଶୋ-ରୁମ୍‌ଗୁଡିକ ଖୋଲିବା ପୂର୍ବରୁ ପାର୍କିଂ ସୁବିଧା ସୁନିଶ୍ଚିତ କରିବା କଥା । କିନ୍ତୁ ଏଥିପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ଏହି ମଲଗୁଡିକ ଆଗରେ ଅର୍ଥାତ୍ ରାସ୍ତା ପାର୍ଶ୍ୱରେ ଅବୈଧ ଗାଡି ପାର୍କିଂ କରାଯାଉଛି। ଫଳରେ ସମସ୍ୟା ବଢୁଛି । ରାସ୍ତାର କେଉଁ ସ୍ଥାନ ସମ୍ବେଦନଶୀଳ ତାହା ଚିହ୍ନଟ କରାଯାଇ ସେଠାରେ ଲୋକେ ଧୀରେ ଗାଡି ଚଳାଇବା ପାଇଁ ସଚେତନତା ଉଦ୍ଦେଶ୍ୟରେ ନାନା ପଦକ୍ଷେପ ଗ୍ରହଣ କରାଯିବା କଥା, ତାହା ହେଉନାହିଁ । ଏହାଛଡ଼ା ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ଗାଡିଚାଳନା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ଏସବୁ ଉପରେ ଯଦିଓ ସରକାରୀ ଭାବେ ଇ-ଚାଲାଣ କରାଯିବା ସହ ଜରିମାନା ଆଦାୟ ହେଉଛି କିନ୍ତୁ ତାହା ଯଥେଷ୍ଟ ହେଉନାହିଁ। ତେଣୁ ପୋଲିସ ଓ ପରିବହନ ବିଭାଗ ଏହା ଉପରେ ଗୁରୁତ୍ୱ ଦେଇ କଡା ଆଭିମୁଖ୍ୟ ଗ୍ରହଣ କଲେ ଦୁର୍ଘଟଣା କମାଯାଇପାରେ ବୋଲି ଅନେକ ମତ ଦେଇଛନ୍ତି।

## ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଗୁରୁବାର ଜିଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ପୌରୋହିତ୍ୟ କରି ରାସ୍ତା ଦୁର୍ଘଟଣାର କାରଣ, କେଉଁ ପ୍ରକାର ଦୁର୍ଘଟଣା ଓ କ'ଣ ସବୁ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି ତା'ଉପରେ ସମୀକ୍ଷା କରିଥିଲେ । ବିଶେଷକରି ଦୁର୍ଘଟଣାକୁ କିପରି କମାଯାଇ ପାରିବ, ସେ ଦିଗରେ ବିଭାଗୀୟ ଅଧିକାରୀମାନେ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ଚନ୍ଦ୍ର ଦାସ ଯୋଗଦେଇ ପୂର୍ବ ବୈଠକର ବିବରଣୀ ଉପରେ ଆଲୋଚନା କରିବା ସହ କେତେକ ପଦକ୍ଷେପ ନିଆଯିବା ଉପରେ ଜୋର ଦେଇଥିଲେ । ସେ କହିଥିଲେ, ଦୁର୍ଘଟଣା ଯୋଗୁ ଅନେକ ଲୋକଙ୍କ ଜୀବନ ଗଲାଣି । ଏହାକୁ ନିୟନ୍ତ୍ରଣ ପାଇଁ ଚେଷ୍ଟା ଚାଲିଛି। ଜାନୁୟାରୀରୁ ମେ ମାସ ମଧ୍ୟରେ ବେଆଇନ ଗାଡିଚାଳକଙ୍କଠାରୁ ୧୦,୫୧୧ ଇ-ଚାଲାଣ ବାବଦରେ ୬୮,୭୪,୫୬୮ ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଛି। ୭୪୦ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଗଲାଣି। କିନ୍ତୁ ଅନେକ ସ୍ଥାନରେ ଶପିଂ ମଲ୍‌ଗୁଡିକ ଆଗରେ ପାର୍କିଂ ସୁବିଧା ନ ଥାଇ ବହୁ ସଂଖ୍ୟକ ଗାଡି ରହୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏହାର ପ୍ରତିକାର ହେବା ଦରକାର। ସେହିପରି ହମ୍ପସ୍‌ର ଆବଶ୍ୟକତା ନ ଥିଲେ ସୁଦ୍ଧା ରହିଛି । ସେଗୁଡିକୁ ଅପସାରଣ କରିବାକୁ ପଡିବ। ବ୍ଲାକସ୍ପଟ୍ ଅଞ୍ଚଳର ପ୍ରତିକାର ହେବା ଆବଶ୍ୟକ । ଅନେକ ସ୍ଥାନରେ ରାସ୍ତାପାର୍ଶ୍ୱରେ ଗଛ ଥିଲେ ସୁଦ୍ଧା ସେଗୁଡିକ ଜାଣିହେଉନି। ଏସବୁ ଗଛରେ ପେଣ୍ଟିଂ କରାଯିବା ଉଚିତ। ଏହାଛଡ଼ା ଅବୈଧ ପାର୍କିଂ ଉଚ୍ଛେଦ, ଓଭରଟେକିଂ ନିୟନ୍ତ୍ରଣ ସାଙ୍ଗକୁ ଟ୍ରକ୍ ଟର୍ମିନାଲ ନିର୍ମାଣ ଓ କଟକଣା ଆଦେଶ ସମ୍ପର୍କରେ ବିଭିନ୍ନ ସ୍ଥାନରେ ସାଇନବୋର୍ଡ ରହିବା ଜରୁରୀ। ବୁଲା ପ୍ରାଣୀମାନେ ରାସ୍ତାରେ ଗାଡି ଚାଳକଙ୍କୁ ଅଡୁଆରେ ପକାଉଛନ୍ତି। ଏଥିପ୍ରତି ଧ୍ୟାନ ଦିଆଯିବା ଉଚିତ । ଏଥିସହ ଗୁଡ ସାମାରିଟାନ, ରକ୍ଷକ, ବାହକ କାର୍ଯ୍ୟକ୍ରମ ଓ ଆଇରାଡ୍ ସମ୍ପର୍କରେ ଦାସ ଆଲୋଚନା କରିଥିଲେ। ବୈଠକରେ ଡିଆଇଏସ୍‌ଇ ଡିଏସ୍‌ପିଙ୍କ ସମେତ ପୂର୍ତ୍ତ, ଜାତୀୟ ରାଜପଥ ପ୍ରତିନିଧି, ରାସ୍ତା ସୁରକ୍ଷା କମିଟି ସଦସ୍ୟ, ପରିବହନ ବିଭାଗ, ବସ ଓ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ଆମ୍ବୁଲାନ୍ସ ମରାମତି କରି ରୋଗୀଙ୍କୁ ସେବା ଯୋଗାଅ



ବୈଠକରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

### ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ

**ରାଜନଗର, ୨୨।୬ (ଭାସ୍କର ରାଉତରାୟ)**

ରାଜନଗର ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ କମିଟିର ଅଧ୍ୟକ୍ଷ ତଥା ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରୋଗୀ କଲ୍ୟାଣ ସମିତି ଓ ନିଦାନ ପକ୍ଷରୁ ଗତ ଆର୍ଥିକ ବର୍ଷରେ ଖର୍ଚ୍ଚର ହିସାବ ସହ ଚଳିତବର୍ଷ କି କାର୍ଯ୍ୟ କରାଯିବ, ସେ ନେଇ ଆକ୍ସନ ପ୍ଲାନକୁ ମଞ୍ଜୁରୀ ଦିଆଯାଇଥିଲା। ବୈଠକରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛିଦିନ ହେଲା ଆମ୍ବୁଲାନ୍ସଟି ଅଚଳ ହୋଇ ପଡ଼ିଥିବା ଆମ୍ବୁଲାନ୍ସକୁ ଶୀଘ୍ର ମରାମତି ସହ ଚାଲୁ କରିବାକୁ ସଦସ୍ୟ ସୂର୍ଯ୍ୟ ନାରାୟଣ ଲେଙ୍କା ପ୍ରସ୍ତାବ ରଖିଥିଲେ। ଏହାକୁ ମରାମତି କରି ଚାଲୁ କରିବାକୁ ବିଧାୟକ ସାହୁ ନିର୍ଦ୍ଦେଶ ଦେଇଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନେ ଯେପରି ଉତ୍ତମ ସେବା ପାଇବେ ଓ ଆବଶ୍ୟକ ନ ପଡ଼ିଲେ ରେଫର ନ କରିବାକୁ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପଢ଼ିହାରୀ କହିଥିଲେ। ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର ଡା. ପ୍ରଣବ କୁମାର ଶୁକ୍ଳା ଓ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମେଡିସିନ ଷ୍ଟୋରଗୁଡ଼ିକ ନୂତନ ଭାବେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନାନ୍ତର ହେବ। ଶୀଘ୍ର ମେଡିସିନ ଷ୍ଟୋରଗୁଡ଼ିକୁ ମାର୍କେଟ କମ୍ପ୍ଲେକ୍ସ ଗୃହ ଯୋଗାଇ ଦେବାକୁ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତିଙ୍କୁ ବିଧାୟକ ସାହୁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡର ସରି ଠିକାଦାର ନିଯୁକ୍ତି ସରିଥିବାରୁ ତୁରନ୍ତ ମେଡିକାଲର ଆଉଡୋର ଓ ଆଡମିନଷ୍ଟ୍ରେଟିଭ ବିଲ୍ଡିଂ କାମ ଶୀଘ୍ର ଆରମ୍ଭ କରିବାକୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ବିଧାୟକ କହିଥିଲେ। ଏଥିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ମହାନ୍ତି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିପରି ସେବା ଯୋଗାଇ ଦିଆଯାଉଛି, ସେ ନେଇ କହିଥିଲେ। ବିପିଏମ୍ ଶ୍ରୀକାନ୍ତ ଦାସ ଗତ ବୈଠକର ବିବରଣୀ ପାଠ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ୩୦ ନଂ. ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ନଟବର ପ୍ରଧାନ, ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର ଡା. ଶୁକ୍ଳା, ସୁପରଭାଇଜର ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପଦୋନ୍ନତି ଦାବିରେ ଟିଁଜି ଟିଚର ସଂଘର ଗଣଧାରଣା

**କେନ୍ଦ୍ରାପଡ଼ା, ୨୨।୬ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏଲିମେଣ୍ଟାରୀ ଟିଁଜି ଟିଚର ସଂଘର ଗଣଧାରଣା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଠାରେ ରମେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପଦୋନ୍ନତି ମିଳି ନ ଥିବାରୁ ଜିଲା ଶିକ୍ଷା ବିଭାଗକୁ ସମାଲୋଚନା କରାଯାଇଛି। ଏଥିସହ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନ କରାଯାଇଛି। ଏ ସମ୍ପର୍କରେ ଶିକ୍ଷକ ଶୁଭ୍ରାଂଶୁ କୁମାର ଦାସ କହିଛନ୍ତି, ଗତ ମେ ମାସ ଶେଷ ସୁଦ୍ଧା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କର ପଦୋନ୍ନତିର ସମସ୍ତ ପ୍ରକ୍ରିୟା ସାରିବା ପାଇଁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଫେବୃୟାରୀ ୨୭ରେ ଜିଲା କାର୍ଯ୍ୟାଳୟକୁ ଚିଠି ( ନଂ. ୪୬୦୭) କରିଥିଲେ। ଏହି ଚିଠି ଅନୁସାରେ ରାଜ୍ୟର ୩୦ ଜିଲା ମଧ୍ୟରୁ ୨୯ଟିରେ ଏହି ପ୍ରକ୍ରିୟା ଜିଲାସ୍ତରରୁ ଶେଷ ହୋଇ ଗଣଶିକ୍ଷା ବିଭାଗରେ ପହଞ୍ଚିଛି। ଏପରିକି ୧୪ ଜିଲାରେ ଶିକ୍ଷକଙ୍କୁ ପଦୋନ୍ନତି ମିଳିସାରିଛି। ତେବେ ଏକମାତ୍ର କେନ୍ଦ୍ରାପଡ଼ା ଜିଲା ଏହି ପ୍ରକ୍ରିୟାରେ ଅଦ୍ୟାବଧି ସାମିଲ ହୋଇପାରିନାହିଁ। ସେହିପରି ଗ୍ରେଡେଶନ ଲିଷ୍ଟରେ ତ୍ରୁଟି ଥିବା ଦେଖିବାକୁ ମିଳିଛି। ଶିକ୍ଷକଙ୍କ ପଦୋନ୍ନତି ନ ହେଲେ ପଦବୀ ଖାଲି ହେବ ନାହିଁ। ଫଳରେ ନୂତନ ଶିକ୍ଷକ ନିଯୁକ୍ତି ବିଳମ୍ବିତ ହେବ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ୫ ଶିକ୍ଷକ ସଙ୍ଗଠନ ଗଣଧାରଣା ଦେଇଥିବା ଶିକ୍ଷକ ଦାସ ମତ ଦେଇଛନ୍ତି। ଏହି ଗଣଧାରଣାର ନେତୃତ୍ୱ କମଳାକାନ୍ତ ଦାସ, ରମେଶ ଚନ୍ଦ୍ର ସାହୁ, ଅଶୋକ କୁମାର ପରିଡା, ଗୋଲକ କୁମାର ମଲ୍ଲିକ, ଲଲାଟ କେଶରୀ ଭୂୟାଁ ପ୍ରମୁଖ ନେଇଛନ୍ତି।




ଧରଣାରତ ଟିଁଜି ଟିଚରମାନେ ।

## ବଳରାମପୁର ପାଞ୍ଚାୟତରେ ଅନ୍ତର୍ଜାତୀୟ ଯୋଗ ଦିବସ

**କେନ୍ଦ୍ରାପଡ଼ା,୨୨।୬(ଜଗନ୍ନାଥ ଧଳ)**

ଅନ୍ତର୍ଜାତୀୟ ଯୋଗ ଦିବସରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତ କୋଠସାହି ଦୁର୍ଗା ପଡ଼ିଆରେ ପାଳିତ ହୋଇଯାଇଛି। ଏହି ଯୋଗ ଶିବିରକୁ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ କୁମାର ବେହେରା, ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ରାଜକନିକା ପତଞ୍ଜଳି ଯୋଗ ଶିବିର ମୁଖ୍ୟ ଦୋଳଗୋବିନ୍ଦ ପାତ୍ର ଓ କନିକା ପୂଜ୍ୟପୂଜା ପରିଷଦର ସମ୍ପାଦକ କପିଳ ମିଶ୍ର, ପୂର୍ବତନ ସରପଞ୍ଚ ସୁବଳ ଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ସାମଲ ଓ ସମାଜିକ କର୍ମୀ ସୁବାସ ଚନ୍ଦ୍ର ସାହୁ, ଉମେଶ ବେହୁରା ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ଯୋଗ ଦ୍ୱାରା କିଭଳି ମନୁଷ୍ୟ ସମାଜ ନିରୋଗ ରହିପାରିବ ସେନେଇ ଅତିଥିମାନେ କହିଥିଲେ। ଏଥିରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଯୋଗ ଓ ପ୍ରାଣାୟାମ କରିଥିଲେ।

## ଚକଡ଼ାରେ ଲାଗିଲା ଶ୍ରୀଦଧିବାମନଜୀଉଙ୍କ ରଥ



ଶ୍ରୀଦଧିବାମନଜୀଉଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣି କରି ନେଉଛନ୍ତି।

**ଡେରାବିଶ,୨୨।୬ (ବେବର୍ତ୍ତା ଅଜୟ ଦାସ)**

ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଡେରାବିଶ ବ୍ଲକ ଅଞ୍ଚଳର ପରମଆରାଧ୍ୟ ଶ୍ରୀଦଧିବାମନଜୀଉଙ୍କ ରଥ ଗୁରୁବାର ସନ୍ଧ୍ୟାରେ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ରଥପଡ଼ିଆସ୍ଥିତ ମାଉସୀ ମା' ମନ୍ଦିର ନିକଟ ଚକଡ଼ାରେ ଲାଗିଛି। ବିଧି ଓ ପରମ୍ପରା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଗୋଟି ପହଣ୍ଡିରେ ମନ୍ଦିରର ସେବାୟତ ବିଭୂତି ଭୂଷଣ କର, ରତ୍ନାକର ପଣ୍ଡା, ନାରାୟଣ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ରଘୁନାଥ ପଣ୍ଡା, ବଂଶୀଧର ପଣ୍ଡା, ହରେକୃଷ୍ଣ ପଣ୍ଡା ପ୍ରମୁଖ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ଆଣି ରଥାରୂଢ଼ କରିଥିଲେ। ପରେ ମୁଖ୍ୟ ପୁରୋଧା ଶରତ ଚନ୍ଦ୍ର ମହାପାତ୍ର ଛେରାପହଁରା କାର୍ଯ୍ୟ କରିଥିଲେ। ରଥ ଅଳ୍ପବାଟ ଟଣା ଯାଇଥିଲା। ସେହିପରି ବୁଧବାର ମଧ୍ୟ ରଥଦାଣ୍ଡରେ ପରମ୍ପରା ଅନୁଯାୟୀ, ବିଭିନ୍ନ ସ୍ଥାନରେ ଭୋଗଲାଗି ପରେ ସୂର୍ଯ୍ୟାସ୍ତ ସମୟରେ ରଥ ଅଟକିଥିଲା। ତେବେ ଗୁରୁବାର ଅପରାହ୍ନରେ ପୁନର୍ବାର ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଜୀଉଙ୍କ ରଥ ସମ୍ମୁଖରେ ବାଜା, ସଂକୀର୍ତ୍ତନ, ଘଣ୍ଟ, ଶୋଭାଯାତ୍ରା ରଥଦାଣ୍ଡକୁ ମୁଖରିତ କରିଥିଲା। ରଥ ଉପରେ ସମସ୍ତ ନୀତିକାନ୍ତି କରାଯିବା ସହ ଶୁକ୍ରବାର ପୂର୍ବାହ୍ନରେ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ମାଉସୀ ମା' ମନ୍ଦିରରେ ଥିବା ସିଂହାସନରେ ବିଜେ କରିବେ ବୋଲି ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଦାୟିତ୍ୱରେ ଥିବା ନାରାୟଣ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି।

## ଡେରାବିଶର ୩ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଡେରାବିଶ,୨୨।୬ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ମାଟିକୁ ଗର୍ବିତ କରିଥିବା ୩ କୃତୀ ଛାତ୍ରୀଙ୍କୁ ଗୁରୁବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ଯୁକ୍ତ ୨ କଳାରେ ଅଧିକ ନମ୍ବର ରଖି ଜିଲାରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର କଲ୍ୟାଣୀ ଦାସ, ଡେରାବିଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ କଳା ଛାତ୍ରୀ ସୁନିତା ସାହୁ, ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଡେରାବିଶ ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅମିରିନ ନିଶାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ାବିତ୍ ସାହାଜାହାନ୍ ଖାଁଙ୍କ ଅଧ୍ୟକ୍ଷତାରେ ଓ ଅନୁପ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସମ୍ମାନିତ ଅତିଥି ଭାବେ ଗୋଲରାହାଟ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଅଶୋକ କୁମାର ପରିଡା, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଯୋଗଦେଇ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ନିଜ ସଂକଳ୍ପକୁ ସାକାର କରିବାକୁ ସେମାନେ ନିଜର ଅଧ୍ୟବସାୟକୁ ଆହୁରି ଉନ୍ନତି କରିବା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁବର୍ଣ୍ଣ କେଶରୀ ସିଂ ଧନ୍ୟବାଦ ଦେଇଥିଲେ।



କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ

- ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରୁ ହଟିଲା କଟକଣା
- ସାମୁଦ୍ରିକ, ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ମିଳିଲା ସହାୟତା

**ମହାକାଳପଡ଼ା, ୨୨।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ସାମୁଦ୍ରିକ, ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କୁ ସାମୁଦ୍ରିକ ପ୍ରବେଶ କଟକଣା ଲାଗୁ ହୋଇଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିକଳ୍ପ ଜୀବିକା ନିର୍ବାହ ପାଇଁ ଆର୍ଥିକ ସହାୟତା ଗୁରୁବାର ଅପରାହ୍ନରେ ଜମ୍ବୁ ଲକ୍ ମତ୍ସ୍ୟଜେଠିଠାରେ ସାମୁଦ୍ରିକ ମତ୍ସ୍ୟଜୀବୀ, ଉନ୍ନୟନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ରାଜ୍ୟ ସରକାର ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ଉନ୍ନତି କରିବା ଉପରେ ଆଲୋକପାତ କରିଥିଲେ। ଏହି କାର୍ମଶାଳାରେ ଉପସ୍ଥିତ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କୁ ମନ୍ତ୍ରୀ ନାୟକ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ବ୍ଲକ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ୩୪୪୪ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତି ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ରାଶି ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ଅଲିଭ ରିଡ଼ଲେ କଇଁଛମାନଙ୍କ ସୁରକ୍ଷା ଓ ମାଛ ଯାଆଁଳ ବଂଶ ବିସ୍ତାର ପାଇଁ ବିଭାଗ ପକ୍ଷରୁ ବନ ବିଭାଗ, ମତ୍ସ୍ୟ ବିଭାଗ, ଜମ୍ବୁ ସାମୁଦ୍ରିକ ଥାନା ଓ ତଟରକ୍ଷୀ ବାହିନୀ ପକ୍ଷରୁ ନଭେମ୍ବର ପହିଲାଠାରୁ ଜୁନ ମାସ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ସାମୁଦ୍ରିକ ପ୍ରବେଶ କଟକଣା ଜାରି କରାଯାଇଥିଲା। ଏହି ସାଢ଼େ ୭ ମାସ ସମୟ ମଧ୍ୟରେ ସାମୁଦ୍ରିକ ଓ ଦେଶୀୟ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ପରିବାର ଆର୍ଥିକ ଅବସ୍ଥା ଦୁର୍ବିଷହ ହୋଇପଡ଼ିଥିଲା। ଏହି ପରିବାରର ବିକଳ୍ପ ଜୀବିକା ନିର୍ବାହ ପାଇଁ ଆର୍ଥିକ ସହାୟତା ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଛି। ଏହି ସାଢ଼େ ୭ ମାସ ସାମୁଦ୍ରିକ କଟକଣା ଜାରି ହେବା ପରେ ମତ୍ସ୍ୟ ଶ୍ରମିକମାନେ ଦାଦନ ଖଟିବାକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇଥାନ୍ତି। ସୁରଟ, ହାଇଦ୍ରାବାଦ, ମୁମ୍ବାଇ, ଚେନ୍ନାଇ, ବଙ୍ଗାଲୋର, କୋଲକାତା ଆଦି ସହରକୁ ମତ୍ସ୍ୟ ଶ୍ରମିକମାନେ ଯାଇ କିଛି ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ସାମୁଦ୍ରିକ ପ୍ରବେଶ କଟକଣା ହଟିଲା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଗ୍ରାମାଞ୍ଚଳର ଅଭାବୀ ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅଞ୍ଚଳର ଅତିରିକ୍ତ ବିକାଶ ପାଇଁ ଜମ୍ବୁଠାରେ ପାନୀୟ ଜଳ, ଶୁଖୁଆ ଖଳା ନିର୍ମାଣ କରିବା ପାଇଁ ଦାବି କରାଯାଇଥିଲା। ବ୍ଲକର ବଟିଘର, ଖରିନାସୀ, ରାମନଗର, ବଉଳକଣି, ଜମ୍ବୁ, ସୁନିତି, କେବୀ ଦାଣ୍ଡୁଆ, ନାଞ୍ଚୁରା, ବିଜୟନଗର ଆଦି ପଞ୍ଚାୟତର ବହୁ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ନାୟକ କହିଥିଲେ। କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ଆମ୍ମା ଅଧ୍ୟକ୍ଷ ବିଜୟ କୁମାର ଜେନା, ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁ, ବଉଳକଣି ସରପଞ୍ଚ ସାଲବେଗ ମାହାଳି, ଜିଲା ପରିଷଦ ସଭ୍ୟ ଅପୂ ପରିଡ଼ା, ମୃତ୍ୟୁଞ୍ଜୟ ମଣ୍ଡଳ, ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା, ରାମନଗର ସରପଞ୍ଚ ମିଳନ ଦେବନାଥ, ପୂର୍ବତନ ସରପଞ୍ଚ ମନୋଜ କୁମାର ପାତ୍ରଙ୍କ ସମେତ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଫିସଫେଡ୍ ଅଧିକାରୀ ପ୍ରଭାତ କୁମାର ଦାସ, ବ୍ଲକ ସହକାରୀ (ସାମୁଦ୍ରିକ) ମତ୍ସ୍ୟ ଅଧିକାରୀ ଦୀପକ କୁମାର ମଲିକଙ୍କ ସମେତ ବହୁସଂଖ୍ୟାରେ ମତ୍ସ୍ୟଜୀବୀ, ମହିଳା ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ।




ମଞ୍ଚାସୀନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

## ସଂକ୍ଷେପରେ

### ୩୩ ନିଯୁକ୍ତି ପାଇଲେ କାର୍ଯ୍ୟରେ ଯୋଗ ଦେଲେ ୨୪

**ନୟାଗଡ,୨୨।୬(ଲୋକନାଥ ମିଶ୍ର):** ନୟାଗଡ ଜିଲା ପାଇଁ ୩୫ଜଣ ଡାକ୍ତରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଥିଲେ । ଏଥିରୁ ୩୩ ଜଣ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ଯୋଗଦାନ କଲେ । ଅନ୍ୟପକ୍ଷେ ଏଥିରୁ ୯ଜଣ ଉଚ୍ଚ ଶିକ୍ଷା ପାଇଁ ଚାଲିଯିବା ପରେ ବକେୟା ୨୪ଜଣଙ୍କୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ନିଯୁକ୍ତି ଦେଇଛନ୍ତି । ଏ ଅବସରରେ ଗୁରୁବାର ସିଡିଏମ୍‌ଓ ମକରନ୍ଦ ବେଉରାଙ୍କ ଉପସ୍ଥିତିରେ ଜିଲାପାଳ ୨୪ ଡାକ୍ତରଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି । ଡାକ୍ତରମାନେ ଜିଲାର ରଣପୁର, ଖଣ୍ଡପଡା ଓ ଦଶପଲ୍ଲା ଆଦି ୩ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ୩ଜଣ ଲେଖାଏ ୯ଜଣ ଓ ୧୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ଜଣ କାର୍ଯ୍ୟରେ ଯୋଗ ଦେଇଛନ୍ତି ।

### ୫ ଶିଶୁ ଶ୍ରମିକ ଉଦ୍ଧାର ସିଡବ୍ଲ୍ୟୁସିରେ କରାଗଲା ହାଜର

**ନୟାଗଡ଼,୨୨।୬(ଲୋକନାଥ ମିଶ୍ର):** ଜିଲା ଶ୍ରମ ବିଭାଗ ପକ୍ଷରୁ ୫ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ସିଡବ୍ଲ୍ୟୁସିରେ ଗୁରୁବାର ହାଜର କରାଯାଇଛି। ନୟାଗଡ଼ ସହରର ଖଣ୍ଡପଡା ରୋଡରେ ଥିବା ହରି ଅର୍ଜୁନ ଢ଼ାବାରୁ ୨ଜଣ, ନୟାଗଡ଼ କଲେଜ ରୋଡରେ ଦହି ବରା ବିକୁଥିବା ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେହିଭଳି ଖୋର୍ଦ୍ଧା ରୋଡରେ ଥିବା ଏକ ହୋଟେଲ ଓ ନୟାଗଡର ଗ୍ୟାରେଜରୁ ଅନୁରୂପ ଭାବେ ୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା ବୋଲି ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତ ସୂଚନା ଦେଇଛନ୍ତି।

# ଭାଜପାର ମହା ଜନସମ୍ପର୍କ ଅଭିଯାନ ରାଜନୀତି


ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ଜନସମ୍ପର୍କ ଯାତ୍ରା।


ଗୋଡ଼ିପାଟଣାରେ ଭାଜପାରେ ସାମିଲ ହୋଇଥିବା ମହିଳାମାନେ।

- ପ୍ରତ୍ୟୁଷା, ଇରାନୀ ପ୍ରଦର୍ଶନ କଲେ ଲୋକପ୍ରିୟତା
- ନୟାଗଡ଼ ନିର୍ବାଚନମଣ୍ଡଳୀରେ ବଢ଼ୁଛି ଉଷ୍ମତା

**ନୟାଗଡ,୨୨।୬(ଲୋକନାଥ ମିଶ୍ର)**

ନୟାଗଡ ନିର୍ବାଚନମଣ୍ଡଳୀରେ ଭାଜପାର ମହା ଜନସମ୍ପର୍କ ଅଭିଯାନ ରାଜନୀତି ଦେଖିବାକୁ ମଳିଛି। ଗୋଟିଏ ଦଳର ଦୁଇ ନେତ୍ରୀ କନ୍ଧମାଳ ପୂର୍ବତନ ଏମ୍‌ପି ତଥା ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଓ ଇରାନୀ ରାୟ ଭିନ୍ନ ଭିନ୍ନ ଭାବେ ମହାଜନସମ୍ପର୍କ ଅଭିଯାନ ପାଳନ କରିଛନ୍ତି। ଯାହାକି ନୟାଗଡ ନିର୍ବାଚନମଣ୍ଡଳୀରେ ରାଜନୈତିକ ପରିବେଶକୁ ସରଗରମ କରିଛି। ଭାଜପାର ଦୁଇ ଗୋଷ୍ଠୀ ଦଳୀୟ କାର୍ଯ୍ୟକ୍ରମକୁ ଭିନ୍ନ ଭିନ୍ନ ପାଳନ କରୁଥିବାରୁ ବିଜେଡି ଖୁସି ହୋଇ ରାଜନୈତିକ ଫାଇଦା ନେବା ପାଇଁ ଲାଗି ପଡିଛି। ନିର୍ବାଚନ ଆଉ ୧୦ ମାସରୁ ଊର୍ଦ୍ଧ୍ୱ ସମୟ ରହିଥିବାବେଳେ ଏଠାରେ ଭାଜପାର କନ୍ଦଳ ବହୁ ଦିନଠାରୁ ଜଣା ପଡି ସାରିଲାଣି।

ନୟାଗଡ ବ୍ଲକ ଜୋନ ନଂ. ୧୫ର ଜେମାଦେଇପୁର ପାଟଣା ପଞ୍ଚାୟତରେ ଭାଜପା ପକ୍ଷରୁ ଜନସମ୍ପର୍କ ଅଭିଯାନ କନ୍ଧମାଳର ପୂର୍ବତନ ଏମ୍‌ପି ତଥା ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ନରସିଂହପ୍ରସାଦ ଗାଁ ଠାରୁ ଆରମ୍ଭ ହୋଇଥିଲା। ପଦଯାତ୍ରା ଜେମାଦେଇପୁରପାଟଣା, ବାଙ୍କଶାଲୁଆ, ଲାଉସେଣା, ମାନ୍ଧତାପୁର, ରଘୁନାଥପ୍ରସାଦ ଗାଁ ପରିକ୍ରମା କରିବା ପରେ ମାନ୍ଧତାପୁରରେ ଶେଷ ହୋଇଛି। କେନ୍ଦ୍ର ସରକାରଙ୍କ ସଫଳତା ଓ ପ୍ରତ୍ୟୁଷାଙ୍କୁ ବିଜୟୀ କରାଇବା ପାଇଁ କର୍ମୀ ଓ ସମର୍ଥକମାନେ ନାରାବାଜି ଦେଇଥିଲେ। ପ୍ରକାଶ ଥାଉକି ଦଳ ପକ୍ଷରୁ ନୟାଗଡ ବ୍ଲକ, ନୟାଗଡ ମ୍ୟୁନିସିପାଲିଟି, ଓଡଗାଁ ବ୍ଲକ ଓ ଏନଏସିସ୍ତରୀୟ ପଦଯାତ୍ରା ହେବ। ନୟାଗଡ଼ ବ୍ଲକ ସ୍ତରୀୟ ଶେଷ ହୋଇଥିବାବେଳେ ଅନ୍ୟ ଗୁଡିକ ୩୦ ତାରିଖ ଭିତରେ ଶେଷ ହେବବୋଲି କୁହାଯାଇଛି।

### ଗୋଡ଼ିପାଟଣା ଗାଁର ସମସ୍ତେ ଭାଜପାରେ

ଭାଜପାର ମହାଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏ ଅବସରରେ ଇଟାମାଟି ମଣ୍ଡଳ ପଣ୍ଡୁସର ପଞ୍ଚାୟତର ଗୋଡିପାଟଣା ଗ୍ରାମବାସୀ ଭାଜପାରେ ସାମିଲ ହୋଇଛନ୍ତି। ଏଠାରେ କେବଳ ଭାଜପାର ପତାକା ଉଡିବ ଓ ଗାଁଲୋକ ଭାଜପାରେ ଭୋଟ ଦେବେ ବୋଲି ଶପଥ ନେଇଛନ୍ତି। ଗାଁରେ ଚାଲିଥିବା ମା'ଇନ୍ଦ୍ରାଣୀ ଦେବୀଙ୍କ ସପ୍ତମ ବାର୍ଷିକ ଯଜ୍ଞ ଏବଂ ସାଂସ୍କୃତିକ ମଞ୍ଚରେ ଗାଁ ସଭାପତି ବୀରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଶପଥ ନେଇଛନ୍ତି। ଏ ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପାର କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଲୋକ ହିତକର ଯୋଜନା ଉପରେ କହିଥିଲେ। ଗାଁର ସମସ୍ତ ଲୋକ ଭାଜପାରେ ମିଶିଥିବାରୁ ଧନ୍ୟବାଦ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଲାଲା ମନୋଜ ରାୟ, ପୂର୍ବତନ ଜିଲାସଭାପତି ସନ୍ୟାସି ନାୟକ, ନାରୀ ନେତ୍ରୀ ଇରାନୀ ରାୟ, ଜିଲା ଉପସଭାପତି ବୀରେନ୍ଦ୍ର ନାୟକ, ମଣ୍ଡଳ ସଭାପତି ରାଜ କିଶୋର ପୃଷ୍ଟି, ଯୁବନେତା ପ୍ରଭାତ ନାୟକ ଉପସ୍ଥିତ ଥିଲେ। ସଭାପତି ବୀରେନ୍ଦ୍ର ମଲ୍ଲିକ କହିଥିଲେ ଗୋଡିପାଟଣା ଗାଁ ବିକାଶ ଠାରୁ ବହୁ ଦୂରରେ। ଗାଁର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ଇରାନୀ ରାୟଙ୍କ ନେତୃତ୍ୱରେ ଭାଜପାରେ ମିଶିଥିବା କହିଛନ୍ତି।

## ୨୨ଦିନରେ ସମବାୟ କର୍ମଚାରୀଙ୍କ ଆନ୍ଦୋଳନ

**ଖଣ୍ଡପଡ଼ା,୨୨।୬ (ଅଜୟ କୁମାର ମହାରଣା)**

**ହନ୍ତସନ୍ତ ହେଉଛି ଚାଷୀକୁଳ**

ସମବାୟ କର୍ମଚାରୀମାନଙ୍କ ଆନ୍ଦୋଳନ ଜୁନ୍ ୧ରୁ ଚାଲୁ ରହିଥିବା ବେଳେ ଗୁରୁବାରକୁ ଏହି ଆନ୍ଦୋଳନ ୨୨ ଦିନରେ ପହଞ୍ଚିଛି। ଫଳରେ ଚାଷୀମାନେ ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଓଡ଼ିଶା ସମବାୟ କର୍ମଚାରୀ ମହାମଞ୍ଚର ଆହ୍ୱାନକ୍ରମେ ସମବାୟ ସମିତିରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସରକାରୀ କ୍ୟାଡର ଭୁକ୍ତ କରିବା ସହ ସମସ୍ତଙ୍କ ପାଇଁ ସପ୍ତମ ବେତନ ଲାଗୁ କରିବା, ବାର୍ଷିକ ବଜେଟ୍‌ରେ କର୍ମଚାରୀମାନଙ୍କ ବେତନ ବାବଦ ପ୍ରାପ୍ୟ ନିମନ୍ତେ ୩ଶହ କୋଟି ଟଙ୍କାର ବ୍ୟୟ ବରାଦ କରିବା ଆଦି ୩ ଦଫା ଦାବି ନେଇ ସମବାୟ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ ୧ ତାରିଖଠାରୁ ସମବାୟ କର୍ମଚାରୀମାନେ କାର୍ଯ୍ୟରେ ଅସହଯୋଗ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ସେବା ସମବାୟ ସମିତିଗୁଡିକରେ ଅଚଳାବସ୍ଥା ଦେଖାଦେଇଛି। ସମବାୟ ସମିତିରୁ ଚାଷୀମାନଙ୍କୁ ଋଣ ଟଙ୍କା ଦେଣନେଣ, ବିହନ, ସାର, କୀଟନାଶକ ଆଦି ରିହାତି ଦର ପ୍ରଦାନରେ ସମସ୍ୟା ସୃଷ୍ଟି ହେଉଛି। ବର୍ତ୍ତମାନ ପରିସ୍ଥିତିରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଜମିରେ ବିହନ ବୁଣାବୁଣି ନିମନ୍ତେ ଖଣ୍ଡପଡା ଅଞ୍ଚଳର ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ, ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସମସ୍ତ ଦାବି ପୂରଣ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲୁ ରହିବ ବୋଲି ବିଭିନ୍ନ ସମବାୟ ସମିତିର ସମ୍ପାଦକ, କର୍ମଚାରୀମାନେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ମଣିଖମ୍ବ ନିର୍ମାଣ ଆରମ୍ଭ

**ଖଣ୍ଡପଡ଼ା,୨୨।୬ (ଅଜୟ କୁମାର ମହାରଣା)**



ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ସର୍ବଜନବିଦିତ। ଏ ପୀଠର ବିକାଶ ନିମନ୍ତେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ଅର୍ଥ ଗତ ଜୁଲାଇ ମାସରେ ମଞ୍ଜୁର କରିଥିଲେ। ସମ୍ପ୍ରତି ଉକ୍ତ ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଥିବା ବେଳେ ଏହି ପ୍ରକଳ୍ପରେ ସାମିଲ ଥିବା ଠାକୁରଙ୍କ ଚନ୍ଦନ ପୋଖରୀ କାର୍ଯ୍ୟ ମଧ୍ୟ ଚାଲୁ ରହିଛି। ତେବେ ଚନ୍ଦନ ପୋଖରୀରର ନବୀକରଣ କାର୍ଯ୍ୟରେ ପ୍ରସ୍ତାବିତ ପୋଖରୀର ମୂଳ ନକ୍ସା(ଡିଜାଇନ)ରେ ମଣିଖମ୍ବ ନିର୍ମାଣର ବ୍ୟବସ୍ଥା ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ନୀଳମାଧବ ପୂଜକ ସମାଜ, ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅଭିଯୋଗ ପରେ ପୋଖରୀର କାର୍ଯ୍ୟରେ ଶିଥିଳତା ଦେଖା ଦେଇଥିଲା। ତେବେ ସଂସ୍କୃତି, ପରମ୍ପରା ଓ ପୁରାଣ ଶାସ୍ତ୍ରକୁ ଭିତ୍ତିକରି ପୁରୀ ନରେନ୍ଦ୍ର ପୋଖରୀ ଓ ଭୁବନେଶ୍ୱର ବିନ୍ଦୁସାଗର ପୋଖରୀ ଢାଞ୍ଚାରେ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀରେ ମଣିଖମ୍ବ ସହ ଏହାର ଚତୁଃପାର୍ଶ୍ୱରେ ୧୦ ଫୁଟ ଦୈର୍ଘ୍ୟ ଓ ୧୦ ଫୁଟ ପ୍ରସ୍ଥର ଏକ ପୂଜାମଣ୍ଡପ ନିର୍ମାଣ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଓଡିଶା ସେତୁ ନିର୍ମାଣ ନିଗମ ଭୁବନେଶ୍ୱରଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ସେହି ଅନୁସାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଛି। ଫଳରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଦୀର୍ଘ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ଉକ୍ତ ଚନ୍ଦନ ପୋଖରୀ ଖନନ ସମୟରେ ପୋଖରୀର ମଧ୍ୟଭାଗରେ ମଣିଖମ୍ବ ନିର୍ମାଣ କରାଯାଇଥିଲା। ଉକ୍ତ ପୋଖରୀରେ ଶ୍ରୀ ନୀଳମାଧବ ଜୀଉଙ୍କ ପାରମ୍ପରିକ ଚନ୍ଦନ ଚାପ ସହ ସମସ୍ତ ଦେବ ନୀତି ସମ୍ପନ୍ନ ହୋଇ ଆସୁଛି। ତେବେ ୧୯୬୫ ଏପ୍ରିଲ ମାସରେ ସୃଷ୍ଟି ହୋଇଥିବା କାଳବୈଶାଖୀ ପ୍ରଭାବରେ ସମ୍ପୃକ୍ତ ମଣିଖମ୍ବ ଭାଙ୍ଗି ପୋଖରୀ ମଧ୍ୟରେ ପୋତି ହୋଇଯାଇଥିଲା। ତେଣୁ ଠାକୁରଙ୍କ ବିଭିନ୍ନ ନୀତି ସମ୍ପନ୍ନରେ ପୋଖରୀ ମଧ୍ୟରେ ଏକ ବାଉଁଶରେ ଠାକୁରଙ୍କ ନେତ ବନ୍ଧା ଯାଇ ନୀତି ସମ୍ପନ୍ନ କରାଯାଉଥିଲା। ଏବେ ପୋଖରୀରୁ ପଙ୍କ ଉଦ୍ଧାର କରାଯାଉଥିବା ବେଳେ ପୂର୍ବରୁ ଭାଙ୍ଗି ପଡିଥିବା ମଣିଖମ୍ବ ସହ ଚକ୍ର ପଙ୍କ ମଧ୍ୟରୁ ଉଦ୍ଧାର କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ଥାନୀୟ ଖୁଦ ବେହେରା ପାଟଣା ଗ୍ରାମର ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ ଦାଶରଥି ଦାସ ୧ ଶହ ବର୍ଷ ପୂର୍ବରୁ ଏହି ପୋଖରୀକୁ ଖନନ କରିଥିବାରୁ ଏହି ପୋଖରୀକୁ ସାଧାରଣରେ ଦାସଙ୍କ ପୋଖରୀ ବୋଲି କହିଥାଆନ୍ତି। ତେବେ ଠାକୁରଙ୍କ ଚନ୍ଦନ ନୀତି ଏହି ପୋଖରୀରେ ହେଉଥିବାରୁ ଏହା ଚନ୍ଦନ ପୋଖରୀ ନାମରେ ପରିଚିତ।

# ବିଦ୍ୟାଳୟରେ ଛାତ୍ର ମାଟି ହାଣିବା ଭିଡିଓ ଭାଇରାଲ

**ବେଗୁନିଆପଡ଼ା,୨୨।୬ (ସୁଶାନ୍ତ ପଟ୍ଟନାୟକ)**

ଗ୍ରୀଷ୍ମ ଛୁଟି ପରେ ବୁଧବାରଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିଛି। ପ୍ରଥମ ଦିନ ହିଁ ବିଦ୍ୟାଳୟ ପରିସରରେ ଜଣେ ଛାତ୍ର ଶ୍ରମିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ତିରିଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଦେଖାଯାଇଛି। ଜଣେ ଛାତ୍ର କୋଦାଳ ଧରି ଘାସ ସଫା କରିବା ସହ ମାଟି ହାଣୁଥିବା ଭିଡିଓ ଭାଇରାଲ ହେଉଛି । ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଏଭଳି କାର୍ଯ୍ୟରେ ନିୟୋଜିତ ହାତରେ କୋଦାଳ ଧରି ଘାସ ସଫା କରୁଛନ୍ତି। ମାଟି ହାଣୁଛନ୍ତି। ଏହି ଭିଡିଓ ଭାଇରାଲ ପରେ ଏନେଇ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ସେଠୀ।

# କାର୍ଯ୍ୟକାରୀ ହେଲାନି ହାଇକୋର୍ଟଙ୍କ ନିର୍ଦ୍ଦେଶ

- ଜମିରେ ଧାନ ନ ବୁଣି ଫେରିଲେ ଚାଷୀ
- ବିଲ ମୁଣ୍ଡରେ ଅସ୍ତ୍ରଶସ୍ତ୍ର ଧରି ଜଗି ରହିଥିଲେ ଆଦିବାସୀ


ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଜଗି ବସିଛନ୍ତି।

**ନୟାଗଡ,୨୨।୬(ଲୋକନାଥ ମିଶ୍ର)**

ନୟାଗଡ ଜିଲା ନୂଆଗାଁ ତହସିଲ ସାନହମରା ମୌଜାର ଏକ ଜମିରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଚାଷୀ ଧାନ ନ ବୁଣି ପାରି ଗୁରୁବାର ଫେରିଛନ୍ତି। ନୂଆଗାଁ ତହସିଲଦାର ଓ ମହିପୁର ଆରଆଇଙ୍କ ବାରଣ, ବିଲ ମୁଣ୍ଡରେ ଆଦିବାସୀ ଲୋକ ମାରଣାସ୍ତ୍ର ଧରି ଜଗି ବସିଥିବାରୁ ନିରାଶ ହୋଇ ଚାଷୀ ଫେରିଛନ୍ତି ବୋଲି ଅଭିଯୋଗ ହୋଇଛି।

ସାନହମରା ମୌଜାରେ ହାଇକୋର୍ଟଙ୍କ ସ୍ଥିତାବସ୍ଥା ରହିଥିବା ଏକ ଜମି ଉପରେ ନୂଆଗାଁ ତହସିଲ ଓ ବନବିଭାଗ ପକ୍ଷରୁ କିଛି ଦିନ ତଳେ ନାଲି ପତାକା ମରାଯାଇଥିଲା। ନାଲି ପତାକା ମରାଯିବା ପରେ ଜମି ଦଖଲରେ ଥିବା କଣ୍ଟାବଣିଆ ଗାଁର ରାଘବ ନାୟକ ଅସନ୍ତୋଷ ବ୍ୟକ୍ତ କରି ନୟାଗଡ଼ ଜିଲାପାଳଙ୍କୁ ଫେରାଦ୍ ହୋଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ସହ ଅନ୍ୟ କାଗଜାତ ଦାଖଲ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁଧ୍ୟାନ କରିବା ପରେ ଜିଲାପାଳ ଏନେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରଙ୍କ ପାଖକୁ ପଠାଇଥିଲେ। ତେବେ ରାଘବ ଧାନ ବୁଣି ଫେରିବା ପରେ ପୁଣି ହାଇକୋର୍ଟକୁ ଯିବେ ବୋଲି ଜଣାପଡିଛି। ଅଭିଯୋଗ ଅନୁସାରେ କଣ୍ଟାବଣିଆ ଗାଁର ରାଘବ ନାୟକଙ୍କ ପରିବାର ବାପା ଜେଜେବାପା ଅମଳରୁ ସାନହମରା ମୌଜାରେ ଖାତା ନଂ. ୭୩, ପ୍ଲଟ ନଂ. ୧୬୧ ଓ ୧୫୩ରେ ୧.୪୭ ଏକର ଜମି ୮୦ ବର୍ଷ ହେଲା ଦଖଲ କରି ଆସୁଛନ୍ତି। ସେଟେଲମେଣ୍ଟ ପୂର୍ବରୁ ଜମିର କିସମ ପତିତ ଥିଲା। ସେଟେଲମେଣ୍ଟ ସମୟରେ ଜମି ନିଜ ନାଁରେ ରେକର୍ଡ କରାଇ ପାରି ନ ଥିଲେ। ଏନେଇ ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା କରିବା ପରେ ରାଘବଙ୍କ ନାଁରେ ରେକର୍ଡ କରିବାକୁ ଉପଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତହସିଲଦାର ରାଘବଙ୍କ ନାଁରେ ରେକର୍ଡ ନ କରି ହାଲ ସେଟେଲମେଣ୍ଟରେ ପତିତ କିସମ ପରିବର୍ତ୍ତନ କରି ମେଲା ଜଙ୍ଗଲ କିସମରେ ବଦଳାଇ ଦେଲେ। ପରବର୍ତ୍ତି ପର୍ଯ୍ୟାୟରେ ୨୦୨୧ରେ ସାନହାମରା ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ନୂଆଗାଁ ତହସିଲଦାର ଓ ଖେଡପଡା ଫରେଷ୍ଟର ଜମିକୁ ମାପଚୁପ କରି ନାଲିପତାକା ପୋତିଦେଲେ। ଏନେଇ ରାଘବ ହାଇକୋର୍ଟ ଯିବା ପରେ ସ୍ଥିତାବସ୍ଥା ଜାରି ରହିଛି। ହାଇକୋର୍ଟରେ କେଶ ସ୍ଥଗିତାଦେଶ ଥିବାବେଳେ ପୁଣି ନୂଆଗାଁ ତହସିଲଦାର ଓ ଖେଡପଡା ଫରେଷ୍ଟର ଜମିକୁ ମାପଚୁପ କରି ନାଲିପତାକା ପୋତି ସାନହାମରା ଗାଁଲୋକଙ୍କୁ ଜମି ହସ୍ତାନ୍ତର କରିଛନ୍ତି। ମହିପୁର ଆରଆଇ ଅଶୋକ ପଢ଼ିଆରୀ କୁହନ୍ତି, ତହସିଲଦାରଙ୍କ ନିର୍ଦ୍ଦେଶ ଅନୁସାରେ ଚାଷୀଙ୍କୁ ଧାନ ବୁଣିବାକୁ ମନା କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ। ଅଯଥାରେ ବିବାଦ ନ ଲାଗିବାକୁ ପରାମର୍ଶ ପରେ ଚାଷୀ ଫେରି ଯାଇଛନ୍ତି। ରାଘବ ନାୟକ କୁହନ୍ତି, ମୁଁ କୋର୍ଟଙ୍କୁ ସମ୍ମାନ ଦେଇ ଆସିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଦେଖାଇବା ପରେ ନ୍ୟାୟ ନ ମିଳିବାରୁ କୋର୍ଟକୁ ପୁଣି ଯିବି ବୋଲି କହିଛନ୍ତି।

# ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

**ଭାପୁର,୨୨।୬(ଭରତ କୁମାର ବେହେରା)**

ନୟାଗଡ ଜିଲା ଭାପୁର ବ୍ଲକର ସମସ୍ତ ସ୍କୁଲ, କଲେଜ, ଅନୁଷ୍ଠାନ , ଗାଁ ଗହଳିରେ ବୁଧବାର ଯୋଗଦିବସ ପାଳନ କରାଯାଇଥିଲା। ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ସାରା ଦେଶରେ ଆଜିର ଦିନକୁ ଯୋଗ ଦିବସ ଭାବେ ପାଳନ କରାଯାଉଛି। ବିଜିପୁର ରାମଚନ୍ଦ୍ର ହାଇସ୍କୁଲ ଖେଳପଡିଆରେ ଖେଳ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ ଛାତ୍ରୀଛତ୍ରଙ୍କୁ ନେଇ ଆନ୍ତର୍ଜାତିକ ଯୋଗ ଦିବସ ହାଇସ୍କୁଲ ଖେଳପଡିଆରେ ଆୟୋଜନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁଲତା ପଟ୍ଟନାୟକ, ଶିକ୍ଷକ ନାଗାର୍ଜୁନ ବେହେରା, ଜିତେନ କୁମାର ରାଉତ, ଓମ୍ ବିକାଶ ଦାସ,ସହ ଶିକ୍ଷୟିତ୍ରୀ ସୁଶ୍ରୀମିତା ମିଶ୍ର, ଶୁଭଲକ୍ଷ୍ମୀ ପଣ୍ଡା, ଶ୍ରଦ୍ଧାଞ୍ଜଳି ବଳିୟାରସିଂ ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ଯୋଗ କରିଥିଲେ। ଭାପୁର ବ୍ଲକର ସମସ୍ତ ବିଦ୍ୟାଳୟ, ବେସରକାରୀ ଅନୁଷ୍ଠାନ, ଗାଁ ଗହଳିରେ ଯୋଗ ଦିବସ ପାଳନ କରାଯାଇଥିଲା।


ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଖଇଁରି ଗ୍ରାମର ପ୍ରଶାନ୍ତ ଫୁଲ ଚାଷ କରି ନିଜେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।


ସମନ୍ୱିତ ଚାଷ ପ୍ରଣାଳୀରେ ପୋଖରୀ ଖନନ ଦଶପଲ୍ଲା ବ୍ଲକ ଘୁଗୁଡ଼ିପଡ଼ା ପଞ୍ଚାୟତର ଚମ୍ପା ଡାଲି ଗାଁରେ ଚାଲିଛି।


ବାଇକ୍‌ରେ ବିପଦସଙ୍କୁଳ ଯାତ୍ରା। ଦଶପଲ୍ଲା ବଜାରରୁ ଫେରୁଛନ୍ତି ଗୋଟିଏ ବାଇକ୍‌ରେ ୬ ଜଣ।

